

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

ଯା ଦେବୀ ସର୍ବଭୂତେଷୁ...


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୧ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 July 2026
Vol.No. 36 ■ No.171 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158


## ସେପ୍ଟେମ୍ବରରେ ହେବ ମୋଦିଙ୍କ କ୍ୟାବିନେଟରେ ଅଦଳବଦଳ



ନୂଆଦିଲ୍ଲୀ,୩୦/୬ : ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ସଂପ୍ରସାରଣ ହେବ ନାହିଁ। କେନ୍ଦ୍ର ସରକାର ଏବେ ମନ୍ତ୍ରିମଣ୍ଡଳ ଅଦଳବଦଳ ଅପେକ୍ଷା ପ୍ରମୁଖ ବିଧେୟକ ଉପରେ ଗୁରୁତ୍ୱ ଦେଉଛନ୍ତି। ମୌସୁମୀ ଅଧିବେଶରେ ସରକାର ଏକାଧିକ ବିଧେୟକ ଆଣି ଏହାକୁ ପାରିତ କରିବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ସରକାରୀ ସ୍ତରରେ ବନ୍ଦ କରାଯାଇଥିବା ଜଣାପଡ଼ିଛି। ଜୁଲାଇ ତୃତୀୟ ସପ୍ତାହ, ସମ୍ଭବତଃ ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ତେଣୁ ମୌସୁମୀ ଅଧିବେଶ ପରେ ଅର୍ଥାତ ସେପଟ୍ଟେମ୍ବରରୁ ଅକ୍ଟୋବର ମାସରେ ମୋଦି ସରକାର ନିଜ କ୍ୟାବିନେଟ ସଂପ୍ରସାରଣ କରିପାରନ୍ତି। କେନ୍ଦ୍ର ସରକାରଙ୍କ ଏବେ ମୌସୁମୀ ଅଧିବେଶନରେ କେମିତି ସୀମା ପୁନଃ ନିର୍ଦ୍ଧାରଣ ଓ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଧେୟକ ସମେତ ଗୁରୁତ୍ୱପୂର୍ଣ୍ଣ ବିଲଗୁଡ଼ିକ ପାସ୍ ହେବ, ତା' ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ଅଧିବେଶନ ପୂର୍ବରୁ କ୍ୟାବିନେଟ୍ ସଂପ୍ରସାରଣ କଲେ ପଦ ହରାଇ ବାକୁ ଥିବା ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିପାରେ। ଏହା ବିଧେୟକ ପାରିତ କରିବାରେ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ଉଭୟ ସଦନରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନଥିବାରୁ ଗୁରୁତ୍ୱପୂର୍ଣ୍ଣ ଭୋଟିଂ ପୂର୍ବରୁ ସରକାର କୌଣସି ରାଜନୀତିକ ଗୋଟି ଚାଳନା କରିବା ମୁଡରେ ନାହାନ୍ତି। ଅଧିବେଶନ ପରେ କ୍ୟାବିନେଟ୍ ସଂପ୍ରସାରଣ ଲୋଭ ଦେଖାଇ ସରକାର ଆବଶ୍ୟକ ସମର୍ଥନ ହାସଲ କରିବାକୁ ମଧ୍ୟ ରଣନୀତିକ ପ୍ରସ୍ତୁତ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟସ୍ତ କାର୍ଯ୍ୟସୂଚୀ ଯୋଗୁ ମୌସୁମୀ ଅଧିବେଶନ ପୂର୍ବରୁ କ୍ୟାବିନେଟ୍ ସଂପ୍ରସାଣର ପାଇଁ ହାତରେ ସମୟ ଖୁବ କମ୍ ରହିଛି। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ ଦୁଇ ଦିନିଆ ଆନ୍ଧ୍ର ପ୍ରଦେଶ ଗସ୍ତରେ ଅଛନ୍ତି। ସେ ଜୁଲାଇ ୧ ତାରିଖ ସନ୍ଧ୍ୟାରେ ଫେରିବେ। ଜୁଲାଇ ୧ରୁ ୩ ପର୍ଯ୍ୟନ୍ତ ଜାପାନ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ପାଇଁ ମୋଦି ବ୍ୟସ୍ତ ରହିବେ। ଜୁଲାଇ ୪ରେ ସେ ରାଜସ୍ଥାନ ଗସ୍ତ କରିବେ। ଜୁଲାଇ ୬ରୁ ୧୧ ପର୍ଯ୍ୟନ୍ତ ସେ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଯିବେ। ମୌସୁମୀ ଅଧିବେଶନ ପୂର୍ବରୁ କେବଳ ଜୁଲାଇ ୫ ତାରିଖରେ କୌଣସି ସରକାରୀ କାର୍ଯ୍ୟକ୍ରମ ନାହିଁ। ଏହାବାଦ ଜୁଲାଇ ୨୦ ପୂର୍ବରୁ କ୍ୟାବିନେଟ୍ ସମ୍ପ୍ରସାରଣ ହେଲେ ମଧ୍ୟ ନୂଆ ମନ୍ତ୍ରୀମାନଙ୍କ ପାଖରେ ଅଧିବେଶନ ପାଇଁ ପ୍ରସ୍ତୁତ ହେବାକୁ ଖୁବ କମ୍ ସମୟ ରହିବ। ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳର ସମ୍ଭାବନା ବହୁତ କମ। କିନ୍ତୁ ଶେଷ ମୁହୂର୍ତ୍ତରେ ଅପ୍ରତ୍ୟାଶିତ ପଦକ୍ଷେପ ନେବାରେ ମୋଦି ସରକାର ବେଶ ମାହିର।

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଭିମସାରର ଦୁଇ ବଡ଼ ବାବୁ: ପୁଳାପୁଳା ଟଙ୍କା, ଗହଣା, ମାଳମାଳ ପ୍ଲଟ୍



ଭୁବନେଶ୍ୱର, ୨୯/୬ (ନି.ପ୍ର): ଆୟଠୁ ଅଧିକ ସମ୍ପତ୍ତି । ଘରେ ରଖିଛନ୍ତି ପୁଳା ପୁଳା ଟଙ୍କା ଓ ସୁନା ଗହଣା । ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭିମ୍‌ସାରର ଦୁଇ ଅଧିକାରୀ । ଏଷ୍ଟାବ୍ଲିସମେଣ୍ଟ ଅଫିସର୍ ଏବଂ ଷ୍ଟିୱାର୍ଡ ସୁପରିଣ୍ଟେଣ୍ଡେଣ୍ଟଙ୍କ ଘରେ କରାଯାଇଛି ଚଢାଉ । ବ୍ୟାପକ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ । ଟଙ୍କା, ସୁନା ଗହଣା ସହ ଏକାଧିକ ପ୍ଲଟ ମଧ୍ୟ ମିଳିଛି । ସମ୍ବଲପୁର ଭିମସାରର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ଧନୁର୍ଦ୍ଧର ବିଶ୍ୱାଳ ଓ ଷ୍ଟିୱାର୍ଡ ସୁପରିନଟେଣ୍ଡେଣ୍ଟ ଅଶ୍ୱିନୀ ମେହେର । ଧନୁର୍ଦ୍ଧର ବିଶ୍ୱାଳଙ୍କ ଘର ସମେତ ୪ ସ୍ଥାନରେ ତନାଘନା । ତାଙ୍କ ଘରୁ ନଗଦ ୨୦ ଲକ୍ଷରୁ ଅଧିକ ଟଙ୍କା ମିଳିଛି । ୧୦ ଟଙ୍କିଆ ବିଡାରୁ ଆରମ୍ଭ କରି ୫୦୦ ଟଙ୍କିଆ ପର୍ଯ୍ୟନ୍ତ । ଚକଚକିଆ ନୋଟ ସବୁ ବାବୁ ସାଇତି ରଖିଥିଲେ । ସୁନା ଗହଣା ବି ଯାହାକୁ ଯେତେ । ଏଥିସହ ୨୫ରୁ ଅଧିକ ପ୍ଲଟ୍ ଠାବ କରିଛନ୍ତି ଭିଜିଲାନ୍ସ ଅଧିକାରୀ । ଗୋଟିଏ ହାଇୱା, ୨ ଟ୍ରାକ୍ଟର, ଦାମୀ କାର, ୩ଟି ଦୁଇ ଚକିଆ ମଧ୍ୟ ଅଛି । ଜଣେ ସରକାରୀ ଚାକିରି କରିଥିବା ବ୍ୟକ୍ତିଙ୍କ ଘରୁ ଏଭଳି କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହେବା ଚର୍ଚ୍ଚାର ବିଷୟ ପାଲଟିଛି । ସେହିଭଳି ଆଉ ଜଣେ କରତ୍‌କର୍ମା ଅଫିସର ଷ୍ଟିୱାର୍ଡ ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ମେହେର । ସମ୍ପତ୍ତି ଦେଖିଲେ ଚମକି ପଡ଼ିବେ । ସୌରଭ ବିହାରରେ ୬ ହଜାର ୫ଶହ ସ୍କୋୟାର ଫୁଟ୍‌ର ଜାଗାରେ ସୁନ୍ଦର କୋଠା ତିଆରି କରୁଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ବି ଗୋଟିଏ ଘର ରହିଛି । ବରଗଡ଼, ଗୋବିନ୍ଦପାଲିରେ ମଧ୍ୟ ଘର ଥିବା ଜାଣିବାକୁ ପାଇଛି ଭିଜିଲାନ୍ସ । ଏଥିସହ ଆହୁରି ୧୦ଟି ପ୍ଲଟର ମାଲିକାନା ମଧ୍ୟ ଅଶ୍ୱିନୀ ବାବୁଙ୍କ ପାଖରେ ରହିଛି । ବ୍ୟାଙ୍କ, ପୋଷ୍ଟାଲ ଜମା ଉପରେ ଅନୁଧ୍ୟାନ ଚାଲିଛି ।

## ପ୍ରେମ ନିବେଦନରୁ ଡବଲ ମର୍ଡର

ଭୁବନେଶ୍ୱର, ୩୦/୬ (ନି.ପ୍ର): ରାଜଧାନୀ କୋଳଥିଆ ଡବଲ ମର୍ଡର ଘଟଣାରେ ସାମ୍ନାକୁ ଆସିଲା ସାଙ୍ଘାତିକ ତଥ୍ୟ । ଜମିବାଡ଼ି ବିବାଦ ଓ କଲେଜ ଗଣ୍ଡଗୋଳକୁ ନେଇ ହତ୍ୟାକାଣ୍ଡର ଚର୍ଚ୍ଚା ଜୋର ଧରୁଥିବା ବେଳେ, ପୁଲିସ କମିସନରଙ୍କ ପ୍ରେସମିଟ୍ ଚକିତ କରି ଦେଇଛି । ହତ୍ୟାକାଣ୍ଡ ପଛରେ ଥିଲା ଏକ ନାବାଳିକାଙ୍କୁ ପ୍ରେମ ନିବେଦନ । ଆଉ ହତ୍ୟା କରିଥିଲେ ଦୁଇ ଜଣ ସ୍କୁଲ ଛାତ୍ର । କୋଳଥିଆ ଡବଲ ମର୍ଡର ପଛରେ ମାଷ୍ଟରମାଇଣ୍ଡ ହେଉଛନ୍ତି ଦୁଇ ସ୍କୁଲ ଛାତ୍ର । ଜଣେ ନାବାଳିକାଙ୍କୁ ପ୍ରେମ କରିବାକୁ କେନ୍ଦ୍ରକରି, ହୋଇଛି ଏହି ଜଘନ୍ୟ ହତ୍ୟାକାଣ୍ଡ । କୃଷ୍ଣଚନ୍ଦ୍ର ପାଢ଼ୀ ବର୍ଷେ ତଳୁ ଜଣେ ନାବାଳିକାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ । ଯାହାକୁ ନେଇ, କୋଚିଂ ସେଣ୍ଟରରେ ବହୁ ବାର ଗଣ୍ଡଗୋଳ ହୋଇଥିଲା ।

◆◆ପୃଷ୍ଠା ୭

## ୩ ବିଭାଗ ଦାୟିତ୍ୱରେ ଆଇଏଏସ୍ ସୁରେଶ ବଶିଷ୍ଠ: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ ୬ ଓଏସଏସ୍ ଅଫିସର




ଭୁବନେଶ୍ୱର, ୩୦/୬ (ନି.ପ୍ର): ରାଜ୍ୟ ସରକାର ଆଜି ପ୍ରଶାସନିକସ୍ତରରେ ଅଦଳବଦଳ କରିଛନ୍ତି। ଆଜିଠୁ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ ବଶିଷ୍ଠ। ଏହାସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଓଡ଼ିଶା ସଚିବାଳୟ ସେବା କ୍ୟାଡ଼ର(ଓଏସଏସ)ର ୬ଜଣ ଅଫିସରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ଆଜି ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଆଇଏଏସ୍ ସୁରେଶ ବଶିଷ୍ଠଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ବଶିଷ୍ଠ ଆଜି ଅପରାହ୍ନରୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ। ସେହିପରି ମୁଖ୍ୟସଚିବ ଅନୁ ଗର୍ଗଙ୍କ ଓଏସଡି ଭାବେ ବରିଷ୍ଠ ଓଏଏସ୍ ଅଫିସର ପିନାକୀ ପଟ୍ଟନାୟକଙ୍କୁ ବଦଳି କରାଯାଇଛି। ସେ ଏବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଅତିରିକ୍ତ ସଚିବ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷଙ୍କ ଓଏସଡି ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଜୁଲାଇ ୧ତାରିଖ ଅପରାହ୍ନରୁ ଦାୟିତ୍ୱମୁକ୍ତ କରିବା ନିମନ୍ତେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ କୁହାଯାଇଛି, ଯାହାଫଳରେ ଶ୍ରୀ ପଟ୍ଟନାୟକ ଜୁଲାଇ ୨ତାରିଖରୁ ମୁଖ୍ୟ ସଚିବଙ୍କ

◆◆ପୃଷ୍ଠା ୭

## ୩ ଯାଏଁ ବଢ଼ିଲା ମଣ୍ଡିରୁ ଧାନକିଣା ଅବଧି: ଚାଷୀଙ୍କୁ ଯୋଗାଣ ମନ୍ତ୍ରୀଙ୍କ ଅଭୟ ବାଣୀ

ଭୁବନେଶ୍ୱର, ୩୦/୬ (ନି.ପ୍ର): ବଢ଼ିଲା ମଣ୍ଡିରୁ ଧାନ କ୍ରୟ ଅବଧି । ଗୋଟିଏ ପଟେ ବର୍ଷାରେ ଧାନ ନଷ୍ଟ ହେବାର ଆଶଙ୍କା, ଅନ୍ୟପଟେ ଖରିଫ ଚାଷ ପାଇଁ ଟଙ୍କାର ଅଭାବ । ଧାନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ, ମନ୍ତ୍ରୀ ଦେଇଛନ୍ତି ବଡ଼ ବୟାନ । ୩ ଦିନ ପରେ ମଣ୍ଡିରେ ଗୋଟିଏ ବି ଧାନ ରହିବନି ବୋଲି କହିଛନ୍ତି । ୫ଟି ଜିଲ୍ଲାରେ କିଛି ଚାଷୀ ଧାନ ବିକ୍ରି କରିପାରିନଥିବାରୁ ଜୁଲାଇ ୩ ଯାଏଁ ଅବଧି ବୃଦ୍ଧି କରିଛନ୍ତି ସରକାର । କେଉଁଠି ମଣ୍ଡିରେ ଧାନ ପଡ଼ି ପଡ଼ି ଗଜା ହେଉଛି, ଆଉ କେଉଁଠି ଚାଷୀଙ୍କୁ ଘାରିଛି ଟୋକନ୍ ଟେନସନ୍ । ଏଣେ କାଲିଠୁ ବଢ଼ିବ ମୌସୁମୀ ବର୍ଷା, ଯାହାକି ଧାନ ବିକି ପାରିନଥିବା ଚାଷୀର ନିଦ ହଜାଇଦେଇଥିଲା । ଏସବୁ ଭିତରେ ଆଶ୍ୱସ୍ତି ଦେଇଛନ୍ତି ସରକାର । ଜୁଲାଇ ୩ ପର୍ଯ୍ୟନ୍ତ ବଢ଼ିଛି ଧାନକିଣା ଅବଧି । ରବି ଧାନ ସଂଗ୍ରହର ଆଜି କଣ୍ଟ ପୂରୁଥିଲା । ଜୁନ୍ ୩୦ ଭିତରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ କିଣିବାକୁ ଲକ୍ଷ୍ୟ ରହିଥିଲା । ତେବେ ୩ ଲକ୍ଷ ୩୬ ହଜାର ୫୨ କୃଷକଙ୍କ ଠାରୁ ୧୮ ଲକ୍ଷ ୭୯ ହଜାର ୯୧୯ ମେଟ୍ରିକ୍ ଟନ୍ ଧାନ କିଣାହୋଇଛି । ତେବେ ଚାଷୀଙ୍କ ବହୁ ଦାବି ପରେ ଆଜି ଆଉ ୩ ଦିନ ପାଇଁ ଅବଧି ବଢ଼ାଇଛନ୍ତି ସରକାର । ଆସନ୍ତା ୩ ଦିନ ମଧ୍ୟରେ ସବୁ ଧାନ ଉଠିଯିବ ବୋଲି ଜୋର୍ ଦେଇ କହିଛନ୍ତି ଯୋଗାଣ ମନ୍ତ୍ରୀ । ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା ପଦ୍ମପୁରର ଧାନ ମଣ୍ଡିରେ ପଡ଼ି ରହିଛି ହଜାର ହଜାର ବସ୍ତା ଧାନ ।

◆◆ପୃଷ୍ଠା ୭

## ପ୍ରମିଳା ମଲ୍ଲିକ ବିଧାନସଭା ପବ୍ଲିକ୍ ଆକାଉଂଟସ କମିଟି ଅଧ୍ୟକ୍ଷା ନିଯୁକ୍ତ

ଭୁବନେଶ୍ୱର, ୩୦/୬ (ନି.ପ୍ର): ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବିଧାନସଭା ପବ୍ଲିକ୍ ଆକାଉଂଟସ କମିଟିର ଅଧ୍ୟକ୍ଷା ଭାବେ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ଦିନ ବିଧାନସଭା ପବ୍ଲିକ୍ ଆକାଉଂଟସ କମିଟିର ନବନିଯୁକ୍ତ ଅଧ୍ୟକ୍ଷା ତଥା ବିଜେଡି ଚିଫ୍ ହୁଇପ୍ ଶ୍ରୀମତୀ ପ୍ରମିଳା ମଲ୍ଲିକ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଲୋକଙ୍କର ବିଶେଷକରି ମା'ମାନଙ୍କ ସମସ୍ୟା ସରକାରଙ୍କ ନଜରକୁ ଆଣି ସମସ୍ତଙ୍କର ସ୍ୱର ସାଜିବାକୁ ସଭାପତି ପରାମର୍ଶ ଦେଇଛନ୍ତି।

## ଜୁଲାଇ ୧ରୁ ଓଡ଼ିଶାରେ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର, ୩୦/୬ (ନି.ପ୍ର): ଓଡ଼ିଶାରେ ଦୁର୍ବଳ ଥିବା ମୌସୁମୀ ବର୍ଷା ଜୁଲାଇ ୧ରୁ ପୁଣି ସକ୍ରିୟ ହେବାକୁ ଯାଉଛି । ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି। ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଇଏମଡିର ସୂଚନା ଅନୁସାରେ, ବୁଧବାର ବରଗଡ଼, ମୟୂରଭଞ୍ଜ, ସୁବର୍ଣ୍ଣପୁର ଏବଂ ବଲାଙ୍ଗିର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୬୪.୫ ମି.ମି.ରୁ ୨୦୪.୪ ମି.ମି. ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ।

◆◆ପୃଷ୍ଠା ୭


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com


## ଗରମରେ ୟୁରୋପ ଅସମ୍ଭାଳ: କୋଟି କୋଟି ଲୋକ କଲବଲ



ନୂଆଦିଲ୍ଲୀ,୩୦/୬ : ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ । ସବୁ ରେକର୍ଡ ଭାଙ୍ଗିଲା ଗରମ, ବଢ଼ୁଛି ମୃତ୍ୟୁସଂଖ୍ୟା। ସମଗ୍ର ୟୁରୋପ ମହାଦେଶ ଏବେ ଇତିହାସର ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ କବଳରେ ପଡ଼ିଛି। ପ୍ରବଳ ଗରମ ଯୋଗୁ ବିଭିନ୍ନ ଦେଶରେ ତାପମାତ୍ରା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଥିବା ବେଳେ ମୃତ୍ୟୁସଂଖ୍ୟା ଓ ମେଡିକାଲରେ ଅସୁସ୍ଥଙ୍କ ସଂଖ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ୟୁରୋପ୍ ମହାଦେଶର କୋଟିକୋଟି ଲୋକ ଏବେ ଅସହ୍ୟ ଗରମରେ ଆଉଟୁ ପାଉଟୁ ହେଉଛନ୍ତି। ବର୍ଷର ଅଧିକାଂଶ ସମୟ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବା ଦେଶଗୁଡ଼ିକରେ ଗରମ ଚରମ ସ୍ଥିତିରେ ପହଞ୍ଚିଛି।

◆◆ପୃଷ୍ଠା ୭

## ଉନ୍ମୋଚିତ ହେଲା ସୁଶାନ୍ତ କୁମାର ମହାପାତ୍ରଙ୍କ କବିତା ପୁସ୍ତକ 'ପ୍ରକୃତି ମାଧୁରୀ' ଏବଂ 'ଅନ୍ତର୍ବୋଧ'



ବାଲେଶ୍ୱର , ୩୦/୬ (ନି.ପ୍ର): ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ପ୍ରକାଶିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ଦୁଇଟି କବିତା ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଷ୍ଟେସନ କ୍ଲବ ବାଲେଶ୍ୱର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ସ୍ୱର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ଼କ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅମୃତବାଣୀ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା କ୍ସି ସୈରିନ୍ଧ୍ରୀ ସାହୁ,ସୃଜନାକ୍ଷରର ସମ୍ପାଦକ କବି ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ପୁସ୍ତକ ପ୍ରକୃତି ମାଧୁରୀ ଏବଂ ଅନ୍ତର୍ବୋଧକୁ ଉନ୍ମୋଚନ କରି ପୁସ୍ତକ ଦୁଇଖଣ୍ଡ ପାଠକଙ୍କ ପାଇଁ ବେଶ୍ ସୁଖପାଠ୍ୟ ଓ ସଙ୍ଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ ।

◆◆ପୃଷ୍ଠା ୭

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ୧୫୮ତମ ଜୟନ୍ତୀ ଗରିମାର ସହ ପାଳିତ

ଜୟପୁର, ୩୦/୦୬ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ବିକ୍ରମ ଦେବ ବର୍ମା ଙ୍କ ଜୟନ୍ତି ପାଳିତ ହୋଇଛି । ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମ ଦେବ ବର୍ମା ଙ୍କ ୧୫୮ ତମ ଜୟନ୍ତି ପାଳିତ ହୋଇଛି । ଓଡିଶା ସାହିତ୍ୟ ଏକାଡେମୀ, ଜୟପୁର ସାହିତ୍ୟ ପରିଷଦ ଓ କୋରାପୁଟ ଜିଲା ସଂସ୍କୃତି ବିଭାଗର ମିଳିତ ଆନୁକଲ୍ୟରେ ଆଜି ପାଳିତ ହୋଇଛି । ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି । ଏଠାରେ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କୁଳପତି ହୃଷୀକେଶ ସେନାପତି ଉପସ୍ଥିତ ରହିଥିବା ବେଳେ ଦ୍ୱିତିୟ ଅଧିବେଷନରେ ଆଲୋଚ୍ୟ ପ୍ରସଙ୍ଗ ଓଡିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ରେ ସାହିତ୍ୟ ସମ୍ରାଟ ବିକ୍ରମ ଦେବଙ୍କ ଅବଦାନ ଆଲୋଚନ ଅବସରରେ ପ୍ରବନ୍ଧିକ ନଳିନି ରଞ୍ଜନ ମିଶ୍ର, ଗବେଷକ ପରେଶ ରଥ ଆଲୋଚନ ଭାବରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ସାହିତ୍ୟ ପରିଷଦର ସଭାପତି ଶ୍ରୀନାଥ ମିଶ୍ର ପୌରହିତ୍ୟ କରିଥିଲେ । ଏହି ଅବସରରେ କବିତା ପାଠ ଉତ୍ସବ, ତୃତୀୟ ଅଧିବେଷନରେ ସାହିତ୍ୟ ସମ୍ରାଟ ବିକ୍ରମ ଦେବ ଙ୍କ ଉପରେ ଆଧାରିତ ସ୍ୱରଚିତ କବିତାକୁ କବି ମାନେ ପାଠ କରିଥିଲେ ।

ଜୟପୁର ମହାରାଜା ସାହିତ୍ୟ ସମ୍ରାଟ୍ ବିକ୍ରମଦେବ ବର୍ମା ଏକାଧାରରେ ଥିଲେ ଜଣେ କର୍ମବୀର, ଦାନବୀର, ଧର୍ମବୀର, ଦେଶପ୍ରାଣ, କବି, ନାଟ୍ୟକାର, ଗବେଷକ, ସଂସ୍କୃତବିଦ୍ ଓ ବୈୟାକରଣ । ଓଡ଼ିଆ, ତେଲୁଗୁ ଓ ସଂସ୍କୃତ ଭାଷାରେ ସେ ଥିଲେ ଜଣେ ବିଶିଷ୍ଟ ବିଦ୍ୱାନ ଏବଂ ଓଡ଼ିଆ ଭାଷା, ସଂସ୍କୃତିର ଦିଗ୍ଦର୍ଶକ ତଥା ସଂରକ୍ଷକ । ତେଲୁଗୁ ଓ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ସାଂସ୍କୃତିକ ସଂହତି ଓ ସମନ୍ୱୟ ପ୍ରତିଷ୍ଠା ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତୀବ ପ୍ରଶଂସନୀୟ । ସେ ଥିଲେ ଭାରତୀୟ ସଂସ୍କୃତି ଓ ଜାତୀୟତାର ସନ୍ଦେଶବାହକ ଓ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡର ପୃଷ୍ଠପୋଷକ ତଥା ଗ୍ରନ୍ଥର ମୂଳ ସହାୟକ । ସମଗ୍ର ଓଡ଼ିଶା ଓ ଆନ୍ଧ୍ରର ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ତଥା ବିକାଶକଳ୍ପେ ତାଙ୍କର ପୃଷ୍ଠପୋଷକତା ଅବିସ୍ମରଣୀୟ ।

ତାଙ୍କର ଅସାଧାରଣ ପାଣ୍ଡିତ୍ୟ ପାଇଁ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅଧିଷ୍ଠିତ ହୋଇଥିଲେ । ସିଏ ପାରଳାଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଦଶମ ଅଧିବେଶନର ସମ୍ମାନାସ୍ପଦ ସଭାପତି ଆସନ ଅଳଙ୍କୃତ କରିଥିଲେ । ବହୁ ଲୋକହିତକର କାର୍ଯ୍ୟ ସହିତ ଓଡ଼ିଆ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି ନିଜର ବଦାନ୍ୟପଣ ଓ ମହାନୁଭବତା ପ୍ରତିପାଦିତ କରିଥିଲେ । ଏହି ସ୍ୱାଭିମାନୀ, ସ୍ୱଜାତିପ୍ରେମୀ, ନିଷ୍ପାପର ସାରସ୍ୱତ ସାଧକ ଆମ ଜାତିର ଚିରନମସ୍ୟ । ସାହିତ୍ୟ ସମ୍ରାଟ୍‌ଙ୍କ ଉଲ୍ଲେଖନୀୟ ରଚନାବଳୀ : ଭଗବଦ୍ଗୀତା ମାହାତ୍ମ୍ୟ, ସଙ୍ଗୀତ ରାଧାମାଧବ ନାଟକ, ଶ୍ରୀ ଗୋବିନ୍ଦ ମଞ୍ଜରିକାବଳୀ, ସରସ ଗୀତାବଳୀ, ଯଜୁର୍ବେଦୀୟ ସନ୍ଧ୍ୟା ପ୍ରୟୋଗ, କାଦମ୍ବରୀ କଥାସାର, ଭକ୍ତିରତ୍ନାଳିକା, ଋତୁବର୍ଣ୍ଣନା, ବୁଦ୍ଧଚରିତ ନାଟକ, ଉତ୍କଳ କୁନ୍ଦମାଳା ନାଟକ ଇତ୍ୟାଦି । ସେହିପରି ଜୟପୁର ପୂଜ୍ୟପୂଜା ସଂସଦ ଜୟପୁର ତରଫରୁ ମାସିକ ସାହିତ୍ୟ ଚୁଙ୍ଗି ଓ କବିତା ପାଳିତ ହୋଇଯାଇଛି । ସ୍ଥାନୀୟ ସରସ୍ୱତୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଲକ୍ଷ୍ମୀ ନଗର ପରିସରରେ ସଂସଦର ସଭାପତି ଶ୍ରୀ ଉଦୟ ଶଙ୍କର ଜାନୀ ଙ୍କ ଅଧ୍ୟକ୍ଷତାରେ ଉକ୍ତି କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ କୁଇଜ୍ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା ଏଥିରେ ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ଅନେକ ଅଭିଭାବକ ମାନେ ଖୁବ ଆଗ୍ରହ ର ସହ ଉପଭୋଗ କରୁଥିଲେ । ସସ୍ମିତା ନାୟକ ମୁଖ୍ୟ ଅତିଥି ସମସ୍ତ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମନୋଜ ପଣ୍ଡା,ଅନନ୍ତ ବିଜୟ ଧିବର, ସରସ୍ୱତୀ ସାହୁ ପ୍ରମୁଖ କବିତା ଆବୃତି କରିଥିଲେ । ସଂସଦ ର ସମ୍ପାଦକ ବୈରାଗୀ ଚରଣ ସାହୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଆଜି ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ୧୫୮ ତମ ଜୟନ୍ତୀ ଅବସରରେ ଜୟପୁର ଶ୍ରୀ ବିକ୍ରମ ସରକାରୀ ଚାରୁକଳା ଓ କାରୁକଳା ବିଦ୍ୟାଳୟ ରେ ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ସିମାଦ୍ରୀ ମହାରଣାଙ୍କ ହସ୍ତ ନିର୍ମିତ ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତ୍ତିକୁ ଉକ୍ତ କଳା ଅନୁଷ୍ଠାନ ର ପୁରାତନ ଏବଂ ନୂତନ ଶିକ୍ଷାରତ ଛାତ୍ର ତଥା ଆଲୁମିନିୟମଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଗଲା । ଏହି କାର୍ଯ୍ୟକ୍ରମରେ ସଭାପତି- ଶ୍ରୀକାନ୍ତ ବାରିକ, କାର୍ଯ୍ୟକାରୀ ସଭାପତି - ସୁରେଶ କୁମାର ନାୟକ, ସମ୍ପାଦକ - ପଦ୍ମଚରଣ ଚୌଧୁରୀ, ଉପ ସଭାପତି -ଲୋକନାଥ ବେହେରା , ସହ ସମ୍ପାଦକ - ରାଜେନ୍ଦ୍ର କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ - ଦୀପକ କୁମାର ଦାସ ଙ୍କ ସହ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

କେନ୍ଦୁଝର, ୩୦/୦୬ (ନି.ପ୍ର): ଆଜି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଲେକ୍ଟରେଟ୍ ସ୍ଥିତ ଦରବାର ହଲ୍‌ରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ଜୁନ୍ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ଭାବେ ପାଳନ କରାଯାଏ । ଭାରତୀୟ ପରିସଂଖ୍ୟାନର ଜନକ ଭାବେ ଜଣାଶୁଣା ପ୍ରଫେସର ପ୍ରସାନ୍ତ ଚନ୍ଦ୍ର ମହଲାନୋବିସଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ । ସାମାଜିକ ଓ ଅର୍ଥନୈତିକ ଯୋଜନା ପ୍ରଣୟନରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ସାଧାରଣ ଜନତା ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମହାଲିକ କହିଥିଲେ ଯେ, ରାଜ୍ୟ ତଥା ଜାତୀୟ ସ୍ତରରେ ଦେଶର ବିକାଶ କ୍ଷେତ୍ରରେ ପରିସଂଖ୍ୟାନ ଏକ ମୂଳଦୁଆ ସଦୃଶ । ସଠିକ୍ ତଥ୍ୟ ବ୍ୟତୀତ ଦେଶରେ କୌଣସି ପ୍ରକାରର ଲୋକହିତକର ଯୋଜନା ପ୍ରଣୟନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ବରଂ ଅସମ୍ଭବ । ତେଣୁ ସଠିକ୍ ପରିସଂଖ୍ୟାନ ହିଁ ସର୍ବାଙ୍ଗୀନ ବିକାଶର ପଥ ପରିଷ୍କାର କରିଥାଏ ବୋଲି ସେ ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଡ. ଅଜିତ କୁମାର ବରାଳ ପରିସଂଖ୍ୟାନକୁ ଜୀବନ ଦର୍ଶନ ସହ ତୁଳନା କରିଥିଲେ । ସେ ସୂଚାଇଥିଲେ ଯେ, ଯେପରି ଲକ୍ଷ୍ୟହୀନ ଜୀବନର କୌଣସି ଅର୍ଥ ନାହିଁ, ସେହିପରି ସଠିକ୍ ପରିସଂଖ୍ୟାନ ବିନା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତିଗୁଡ଼ିକ ପ୍ରାୟତଃ ଲକ୍ଷ୍ୟଭ୍ରଷ୍ଟ ହୋଇଥାଏ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୁଲ ତଥ୍ୟକୁ ଆଧାର କରି ନିଷ୍ପତି ନେବା ଅତ୍ୟନ୍ତ ଜରୁରୀ ବୋଲି ସେ ଦର୍ଶାଇଥିଲେ ।

ଏହି ଅବସରରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ଗଜେନ୍ଦ୍ର କୁମାର ବେହେରା ପରିସଂଖ୍ୟାନର ବ୍ୟାପକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ସେ କହିଥିଲେ, 'ସଠିକ୍ ପରିସଂଖ୍ୟାନ ସରକାରଙ୍କୁ ସମୟୋପଯୋଗୀ ଯୋଜନା ପ୍ରଣୟନ କରିବାରେ ସହାୟତା କରିଥାଏ, ଯାହା ଦେଶର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଆଣିଥାଏ ।' ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା, ଯଥା - କୃଷି ଓ ଜଳସେଚନ ଗଣନା, ଶସ୍ୟକାଟ ପରୀକ୍ଷା, ମୂଲ୍ୟ ସୂଚକାଙ୍କ ନିର୍ଦ୍ଧାରଣ, ଶିଳ୍ପ ସର୍ଭେ, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍ ପ୍ରସ୍ତୁତି ଓ ଜାତୀୟ ନମୁନା ସର୍ଭେ ଆଦି କିଭଳି ନୀତି ନିର୍ଦ୍ଧାରଣରେ ମୂଳଦୁଆ ସାଜିଛି, ସେ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ । ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ତରଫରୁ ଗତ ୨୪/୦୬/୨୦୨୬ ରେ ବିଦ୍ୟାଳୟ ସ୍ତରୀୟ କୁଇଜ ଏବଂ ପୋଷ୍ଟର ଉପସ୍ଥାପନା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୩୦/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଲୋକଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରାଯାଇଥିଲା । ଶିବିରରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ସିନାପାଲି ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସିନାପାଲି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରୁ ଆସିଥିବା ଜନସାଧାରଣଙ୍କ ୭୯ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ ୯୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ । ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ଯୁଗଳ କିଶୋର ଦଣ୍ଡସେନାଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ସ୍ୱଚ୍ଛତା କ୍ଷେତ୍ରରେ ଜନସଚେତନତା ସୃଷ୍ଟି ଓ ଉଲ୍ଲେଖନୀୟ ଅବଦାନ ପାଇଁ ଛତିଆଗୁଡ଼ାର ଅରବିନ୍ଦ ହୋତା, ଗୋଡାଲର ଅରୁଣ କୁମାର ହରିଜନ ଓ ଘଂଟିଗୁଡ଼ାର କୁଞ୍ଜ ବିହାରୀ ମେହେରଙ୍କୁ "ସ୍ୱଚ୍ଛତା ଦୂତ" ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# କେନାଲ ସେତୁରେ ସଂଯୋଗୀକରଣ ରାସ୍ତା ନାହିଁ : ଯାତାୟାତରେ ସମସ୍ୟା

ସାଲେପୁର, ୩୦/୦୬ (ନି.ପ୍ର): କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିନରେ ଥିବା ୮ ନଂ କେନାଲ ଉପରେ ବୁହାଳ ପଂଚାୟତ ଭୁବନ ଠାରେ ଗତ ୬ ବର୍ଷ ହେବ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ କରାଯାଇଛି । ବିଗତ ୬ ବର୍ଷ ହେବ ପୋଲ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହାର ସଂଯୋଗୀକରଣ ରାସ୍ତା ନଥିବାରୁ ଯାତାୟାତରେ ପଥଚାରୀ ସମସ୍ୟାରେ ପଡୁଛନ୍ତି । ଜଳସଂପଦ ବିଭାଗର ଦାୟିତ୍ୱହୀନତା ପାଇଁ ଠିକାଦାର ପୋଲ କରି ବିଲ୍ ଉଠାଇ ନେଇଯାଇଥିବା ବେଳେ ସଂଯୋଗୀକରଣ ରାସ୍ତା କରିନଥିବା ଜଣାଯାଇଛି । ଉକ୍ତ ସଂଯୋଗୀକରଣ ରାସ୍ତା କରିବା ନିମନ୍ତେ ଏକାଧିକ ଥର ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ବର୍ଷ ହେବ ନୂତନ ପୋଲଟି ବ୍ୟବହାର ହେଉନଥିବାରୁ ଏହାର ଚର୍ତୁପାଶ୍ୱର୍ରେ ଅନାବନା ଘାସ ଓ ଗଛ ଉଠି ଜଙ୍ଗଲ ସଦୃଶ ହୋଇଗଲାଣି । ୮ ନଂ କେନାଲ ବନ୍ଧ ମୁଖ୍ୟ ରାସ୍ତା ଦେଇ ଏହି ପୋଲକୁ ଅତିକ୍ରମ କରି ଏହା କେନ୍ଦ୍ରାପଡା ମୁଖ୍ୟ କେନାଲର ବାମପାର୍ଶ୍ୱ ବନ୍ଧକୁ ସଂଯୋଗୀକରଣ କରୁଥିବାରୁ ଏହି ପୋଲର ଗୁରୁତ୍ୱ ରହିଛି । ପ୍ରତ୍ୟକ ଦିନ ଏହି ରାସ୍ତା ଦେଇ ବୁହାଳ, କେନ୍ଦୁପାଟଣା, ବାଲିଆପଦା, ସରପଡା ଆଦି ପଂଚାୟତ ସମେତ ବହୁ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରିଥାଆନ୍ତି । ଏହାଛଡା ସ୍ଥାନୀୟ ଅଂଚଳ ବାସିନ୍ଦା ସେମାନଙ୍କର ଗୃହପାଳିତ ପଶୁ, ଗାଈ ଗୋରୁ ଛେଳି ମେଣ୍ଢା ଆଦିକୁ ଚରାବୁଲା କରାଇବା ପାଇଁ ଏହି ପୋଲ ଦେଇ ଅନ୍ୟପଟକୁ ଯାଇଥାଆନ୍ତି । ବିଗତ ସରକାର ଅମଳରେ ଏହି ପୋଲ କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତମାନର ସରକାର ଦୁଇ ବର୍ଷ ଶାସନ କରିସାରିଥିଲେ ମଧ୍ୟ ଏହି ପୋଲର ସଂଯୋଗୀକରଣ ରାସ୍ତା ହୋଇ ପାରୁନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି ପୋଲରେ ସଂଯୋଗୀକରଣ ରାସ୍ତା ନଥିବାରୁ ବହୁ ବର୍ଷର ଏକ ପୁରୁଣା କଲଭର୍ଟ ଦେଇ ଲୋକମାନେ ଯାତାୟାତ କରୁଥିବାରୁ ଏହା ପ୍ରତେକ ମୁହୂର୍ତରେ ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ଉକ୍ତ ପୋଲର ସଂଯୋଗୀକରଣ ରାସ୍ତା କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ରାସ୍ତା ଖୋଲିଦେଇ ଠିକାଦାର ଛୁ' : ଯାତାୟାତରେ ସମସ୍ୟା ନେଇ ଲୋକେ ଅତିଷ୍ଠ

ସାଲେପୁର, ୩୦/୦୬ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ୭ ନମ୍ବର ୱାର୍ଡ ନିଶ୍ଚିନ୍ତକୋଇଲି ଗ୍ରାମର ଗୁଡିଆସାହି ଗ୍ରାମ୍ୟ ରାସ୍ତାକୁ ଠିକାଦାର ଖୋଲିଦେଇ ଏକ ମାସ ହେବ ଛୁ ମାରିଛି । ଯାତାୟାତ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଥିଲା ବେଳେ ପ୍ରଶାସନ ଉପରେ ଅତିଷ୍ଠ ହୋଇପଡିଛନ୍ତି । କେନ୍ଦୁପାଟଣା ଜଳସେଚନ ବିଭାଗ ଅଧିନରେ ଥିବା ୮(ଇ)୧ କେନାଲକୁ ଦୀର୍ଘ ଦିନ ହେବ କଂକ୍ରିଟ ଲାଇନିଂ କରାଯାଉଛି । ଏହି କେନାଲ ଉପରେ ଦେଇ ନିଶ୍ଚିନ୍ତକୋଇଲି ଗୁଡିଆସାହିର ମୁଖ୍ୟ ରାସ୍ତାଟି ଲଳିତଗିରି-ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ବେଲେଶ୍ୱରୀ ଠାକୁରାଣୀ ମନ୍ଦିର ନିକଟରେ ସଂଯୋଗ କରିଛି । ଏହି କେନାଲ ଲାଇନିଂ କାର୍ଯ୍ୟ ଚାଲିଥିଲା ବେଳେ ଠିକାଦାର ଜଣକ ଏହି ରାସ୍ତାର କେନାଲ ଉପରେ ଥିବା କଲଭର୍ଟକୁ ଭାଙ୍ଗି ଦେଇଥିବା ବେଳେ ରାସ୍ତାର କିଛି ଅଂଶକୁ ତାଡି ଦେଇ ଉଭୟ ପାଶ୍ୱର୍ରେ ମାଟି ଗଦା କରି ରାସ୍ତା ସଂପୂର୍ଣ୍ଣ ବନ୍ଦ୍ କରିଦେଇଛି । ତୁରନ୍ତ ଏହି କଲଭର୍ଟ କାର୍ଯ୍ୟ ଶେଷ କରିବା ପାଇଁ ଗ୍ରାମବାସୀମାନେ ଜଳସେଚନ ବିଭାଗ ଠିକାଦାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଗ୍ରାମରେ ୩୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଠିକାଦାର ରାସ୍ତା ମାଟି ପକାଇ ବନ୍ଦ୍ କରିଦେଇଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା ପାଶ୍ୱର୍ରେ ନିଶ୍ଚିନ୍ତକୋଇଲିର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିର୍ବାଣ' ର ମୁଖ୍ୟ କାର୍ଯ୍ୟାଳୟ ରହିଥିଲା ବେଳେ ବହୁ ଲୋକ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାଆନ୍ତି । ହେଲେ ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ବହୁ ଲୋକ ଏଠାକୁ ଆସିପାରୁନଥିବା ଦେଖାଯାଇଛି । ଏହାଛଡା ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଗ୍ରାମବାସୀ ବେଲେଶ୍ୱରୀ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥିବା ବେଳେ ପାଖରେ ଥିବା ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟକୁ ବହୁ ଛାତ୍ର ଛାତ୍ରୀ ପାଠ ପଢିବା ପାଇଁ ଯାତାୟାତ କରିଥାଆନ୍ତି । ଏହାଛଡା ନିଶ୍ଚିନ୍ତକୋଇଲି ବଜାର ଓ ହାଟକୁ ଯିବା ପାଇଁ ପ୍ରତେକ ଦିନ ବହୁ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିଲା ବେଳେ ଜରୁରୀକାଳିନ ପରିସ୍ଥିତିରେ ଏହି ରାସ୍ତା ଦେଇ ଦମକଳ ଓ ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଆସିଥାଏ । ବିଗତ ୧ ମାସ ହେବ ରାସ୍ତା ଅବରୋଧ କରାଯାଇଥିବାରୁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯିବା ପାଇଁ ଅସୁବିଧା ଭୋଗ କରୁଥିଲା ବେଳେ ଗ୍ରାମବାସୀମାନେ ମା' ବେଲେଶ୍ୱରୀଙ୍କୁ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରିବାରୁ ବଂଚିତ ହେଉଛନ୍ତି । ତୁରନ୍ତ ଉକ୍ତ ରାସ୍ତାରେ ନୂତନ କଲଭର୍ଟ ନିର୍ମାଣ କରାଯିବା ସହ ରାସ୍ତା ଅବରୋଧକୁ ହଟାଇବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ମୁକ୍ତ ବିଚାର ମଂଚର ୬୮ତମ ଆଲୋଚନା ଚକ୍ର

ନୂଆପଡ଼ା, ୩୦/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ କ୍ଷତ୍ରିୟ ସମାଜ ଭବନଠାରେ ମୁକ୍ତ ବିଚାର ମଂଚର ୬୮ ତମ ଅଧିବେଶନ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ତଥା ବିଶିଷ୍ଟ ସ୍ତମ୍ଭକାର ଶ୍ରୀକାନ୍ତ ଚଟର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ତ୍ରୁଟିପୂର୍ଣ୍ଣ ବିଦ୍ୟାଳୟ ପାଠ୍ୟ ପୁସ୍ତକ ଏକ ବ୍ୟବସ୍ଥାଗତ ବିଫଳତା ପ୍ରସଙ୍ଗ ଉପରେ ସପକ୍ଷରେ ଶିକ୍ଷାବିତ୍ ସବଲ୍ଲୁନ ସେନାପତି ଓ ବିପକ୍ଷରେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଆଲୋଚନା କରିଥିଲେ । ସଦସ୍ୟ ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିଶୋର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହରେ ସଦସ୍ୟା ସବିତା ଚଟର୍ଜୀ, ଅବସରପ୍ରାପ୍ତ ପ୍ରାଧାପକ ଲୋହିତାକ୍ଷ ଯୋଷୀ, ସଂଗୀତଜ୍ଞ ନନ୍ଦଲାଲ ବାରିକ, ନନ୍ଦକିଶୋର ପ୍ରଧାନୀ, ଅବକାଶ ନାରାୟଣ ପଣ୍ଡା, ହିମାଂଶୁ ପୋଡ଼, ବିନୟ ପତି, ମହେନ୍ଦ୍ର କୁମାର ଜଗତ, ଗଜେନ୍ଦ୍ର ବାଗ , କାର୍ତିକ ବାଗ, ଭାନୁଚନ୍ଦ୍ର ସୁନାନୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଏନଡ଼ିଆରଏଫ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୩୦/୦୬ (ନି.ପ୍ର): ଏନଡିଆରଏଫ୍, ମୁଣ୍ଡଳୀ, କଟକର ୧୫ ଜଣିଆ ଦଳ, ଇନ୍ସପେକ୍ଟର ପି. କେ. ଯାଦବଙ୍କ ନେତୃତ୍ୱରେ ହବିଲଦାର ଶ୍ରୀକାନ୍ତ ଦାଶ, ରଶ୍ମୀ ରଞ୍ଜନ ଦାସ, ଭି. ତୁଳସୀ ଦାସୁ, ପ୍ରଭାତ ପଟେଲଙ୍କ ସହଯୋଗରେ ପଟାଙ୍ଗୀ ଅଂଚଳ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଫାମେକ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପଟ୍ଟାଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟର ହେଡ ମିଷ୍ଟ୍ରେସ୍ ଶ୍ରୀମତୀ ରଶ୍ମିତା ରାଉତ, ଅନ୍ୟ ଶିକ୍ଷକ/ଶିକ୍ଷୟୀକା ସହ ଛାତ୍ର ଓ ଛାତ୍ରୀ ମାନେ ଏହି ପ୍ରୋଗ୍ରାମରେ ଭାଗ ନେଇଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯାଇଥିଲା । ବନ୍ୟା, ଭୂମିକମ୍ପ, ଘୂର୍ଣ୍ଣିଝଡ଼ ସହ ବଜ୍ରପାତ, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଓ ମାନବସୃଷ୍ଟି ବିପଦ ସମୟରେ କିପରି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଏନଡିଆରଏଫ୍ ଦଳ ଦ୍ୱାରା ପ୍ରି-ହସ୍ପିଟାଲ ଟ୍ରିଟମେଂଟ, ପ୍ରାଥମିକ ଚିକିତ୍ସା , କାର୍ଡିଓ-ପଲ୍ମୋନାରୀ ରିସସିଟେସନ୍ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପଦ୍ଧତି ଉପରେ ପ୍ରାୟୋଗିକ ପ୍ରଦର୍ଶନ କରାଯାଇଥିଲା । ଏହାସହ ବିପର୍ଯ୍ୟୟ ସମୟରେ ତ୍ୱରିତ ପ୍ରତିକ୍ରିୟା, ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ସମୁଦାୟ ଭିତିକ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି ଏନଡିଆରଏଫ୍, ମୁଣ୍ଡଳୀ, କଟକର ୧୫ ଜଣିଆ ଦଳ, ଇନ୍ସପେକ୍ଟର ପି. କେ. ଯାଦବଙ୍କ ନେତୃତ୍ୱରେ ସବ ଇନ୍ସପେକ୍ଟର ଶୁଖବିର୍ ସିଂହ, ହବିଲଦାର ଶ୍ରୀକାନ୍ତ ଦାଶ, ରଶ୍ମୀ ରଞ୍ଜନ ଦାସ, ଭି. ତୁଳସୀ ଦାସୁ, ପ୍ରଭାତ ପଟେଲ ଙ୍କ ସହଯୋଗରେ କୋରପୁଟ ଅଂଚଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଛରାରେ ଏକ ଫାମେକ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଛରା ର ପ୍ରିନ୍ସିପାଲ ମୀକ ଶତପଥୀ, ଏନସିସି ଶିକ୍ଷକ ଗୁପ୍ତେଶ୍ୱର ସାହୁ, ଅନ୍ୟ ଶିକ୍ଷକ/ଶିକ୍ଷୟୀକା ସହ ଛାତ୍ର ଓ ଛାତ୍ରୀ ମାନେ ଏହି ପ୍ରୋଗ୍ରାମ ରେ ଭାଗ ନେଇଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯାଇଥିଲା । ବନ୍ୟା, ଭୂମିକମ୍ପ, ଘୂର୍ଣ୍ଣିଝଡ଼ ସହ ବଜ୍ରପାତ, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଓ ମାନବସୃଷ୍ଟି ବିପଦ ସମୟରେ କିପରି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଏନଡିଆରଏଫ୍ ଦଳ ଦ୍ୱାରା ପ୍ରି-ହସ୍ପିଟାଲ ଟ୍ରିଟମେଂଟ, ପ୍ରାଥମିକ ଚିକିତ୍ସା, କାର୍ଡିଓ-ପଲ୍ମୋନାରୀ ରିସସିଟେସନ୍ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପଦ୍ଧତି ଉପରେ ପ୍ରାୟୋଗିକ ପ୍ରଦର୍ଶନ କରାଯାଇଥିଲା । ଏହାସହ ବିପର୍ଯ୍ୟୟ ସମୟରେ ତ୍ୱରିତ ପ୍ରତିକ୍ରିୟା, ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ସମୁଦାୟ ଭିତିକ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା ।

# ଶ୍ରୀ ବିକ୍ରମ ସରକାରୀ ଚାରୁ କଳା ବିଦ୍ୟାଳୟକୁ ମହାବିଦ୍ୟାଳୟ ମାନ୍ୟତା ଦାବିରେ ଧାରଣା

ଜୟପୁର, ୩୦/୦୬ (ନି.ପ୍ର): ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁରକୁ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ସହ ଯଥାଶିଘ୍ର ସ୍ନାତକ ଆରମ୍ଭ କରିବା ଏବଂ ପ୍ଲାଟିନମ୍ ଜୁବୁଲି ପାଳନ, ସ୍ଥାୟୀ ଶିକ୍ଷକ ଓ ଅଣ ଶିକ୍ଷକ ନିଯୁକ୍ତି, ଶିଘ୍ର ୫ ଏକର ଜଗାକୁ ପଟ୍ଟା ପ୍ରଦାନ କରି ମହାବିଦ୍ୟାଳୟ ପାଇ କୋଠା ନିର୍ମାଣ କରିବା, ସ୍ୱତନ୍ତ୍ର ଭାବରେ ବାଳକ ଓ ବାଳିକାଙ୍କ ଛାତ୍ରବାସ ନିର୍ମାଣ କରିବା, ବିଦ୍ୟାଳୟ ଚାରିପଟେ ହୋଇଥିବା ଜବର ଦଖଲ ଉଚ୍ଛେଦ କରିବା ଆଦି ଦାବିରେ ପୂର୍ବ ଛାତ୍ର ସଂଘ ତରଫରୁ ଶାନ୍ତିପୁର୍ଣ୍ଣ ଧାରଣା ଆଜି ଦିଆଯାଇଛି । ଶ୍ରୀ ବିକ୍ରମ ଚାରୁ କଳା ବିଦ୍ୟାଳୟ ପରିସରରେ ଏହି ଧାରଣା ଦିଆଯାଇଛି । ପୂର୍ବ ଛାତ୍ର ସଂଘ କଳା ବିଦ୍ୟାଳୟ ଜୟପୁର ତରଫରୁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । ଓଡିଶାର ପୁରାତନ ଓ ସର୍ବ ପ୍ରଥମ କଳା ବିଦ୍ୟାଳୟ ଭାବରେ ଜୟପୁର ତତ୍ କାଳୀନ ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ଦ୍ୱାରା ୧୯୪୬ ମସିହାରେ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁରରେ ଓଡିଶାର ପରିଚୟ ଚିତ୍ରକଳା ଭାସ୍କର୍ଯ୍ୟ ତଥା କାରୁକଳା ଶିକ୍ଷାର ପ୍ରସାର ପାଇଁ ସ୍ଥାପନ କରାଯାଇଥିଲା । ଦୁଃଖର ବିଷୟ ଦୀର୍ଘ ୮୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହୋଇ ପାରିଲା ନାହିଁ । ଦୀର୍ଘ ଦିନରେ ସଂଘର୍ଷ ପରେ ଗତ ଅକ୍ଟୋବର ୨୦୨୨ ମସିହାରେ ସରକାର ଏହି ବିଦ୍ୟାଳୟକୁ ଡିଗ୍ରୀ ମାନ୍ୟତା ପ୍ରଦାନ କରି ନଥି ସଂଖ୍ୟା ୪୧୯୫ ଗତ ୨୬।୧୦।୨୦୨୨ ରେ ମାନ୍ୟତା କେବଳ କାଗଜ ନଥିପତ୍ର ରେ ହିଁ ସମିତ ହୋଇ ରହିଗଲା । ଦକ୍ଷିଣ ଓଡିଶାର ଅନେକ ଗରିବ ଶ୍ରେଣୀର ପ୍ରତିଭାବାନ କଳା ଶିକ୍ଷା ଆଗ୍ରହୀ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ଦ୍ୱାଦଶ ପରେ ଆର୍ଥକ ଅନାଟକ ଯୋଗୁଁ ଉଚ୍ଚ ଶିକ୍ଷା ନିମନ୍ତେ ସୁଦୂର ଖଲ୍ଲିକୋଟ କିମ୍ବା ଭୁବନେଶ୍ୱର ଯାଇ ପାରୁ ନାହାଁନ୍ତି । କଳା ବିଦ୍ୟାଳୟ ସ୍ଥାପନ ହୋଇ ଦୀର୍ଘ ୮୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ ପ୍ଲାଟିନମ୍ ଜୁବୁଲି ପାଳନ କରାଯାଇ ପାରିନାହିଁ । ଯାହାକି ସରକାର ୨୦୨୩ ମସିହାରେ ୧୫ ଲକ୍ଷ ଟଙ୍କା ଉକ୍ତ କାର୍ଯ୍ୟକ୍ରମ କରିବା ନିମନ୍ତେ ଅନୁଦାନ ଦେଇଛନ୍ତି । ଦକ୍ଷିଣ ଓଡିଶାର ଆଗାମୀ ଭବିଷ୍ୟତରେ କଳାଶିକ୍ଷା ନିମନ୍ତେ ଛାତ୍ର ଛାତ୍ରୀଙ୍କ ଉନ୍ନତି ପାଇଁ କଳା ବିଦ୍ୟାଳୟର ପୁବ ଛାତ୍ର ସଂଘ ତରଫରୁ କଳା ବିଦ୍ୟାଳୟ ସମ୍ମୁଖରେ ଆଜି ସକାଳ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଶାନ୍ତିପୁର୍ଣ୍ଣ ଧାରଣା ଦିଆଯାଇଛି । ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଥିଲ । ଧାରଣା ସ୍ଥଳରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବୁଝା ସୁଝା କରିବା ସହ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଓହରିଥିଲେ । ସଭାପତି ଶ୍ରୀକାନ୍ତ ବାରିକ, ସମ୍ପାଦକ ପଦ୍ମ ଚରଣ ଚୈଧୁରି, ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦିପକ ଦାସ, ସୁରେଶ କୁମାର ନାୟକ, ମନୋଜ ମହାପାତ. କ୍ରିଷ୍ଣା ପାଙ୍ଗୀ ପ୍ରମୁଖ ଅନୁରୋଧ କରିଛନ୍ତି ।

# କୋରାପୁଟରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ : 'ପ୍ରଶାସନିକ ତଥ୍ୟର ସମ୍ଭାବନା' ଉପରେ ଆଲୋଚନା

ଜୟପୁର, ୩୦/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଆଜି ସ୍ଥାନୀୟ ଡି.ଏନ.କେ ସଦଭାବନା ସଭାଗୃହରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି । ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ମୁଖ୍ୟ ପ୍ରସଙ୍ଗ 'ପ୍ରଶାସନିକ ତଥ୍ୟର ସମ୍ଭାବନାର ଉନ୍ମୋଚନ' ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ପ୍ରଶାସନିକ ସ୍ତରରେ ସଂଗୃହିତ ତଥ୍ୟ ମଧ୍ୟରେ ଅସୀମ ସମ୍ଭାବନା ଲୁଚି ରହିଛି । ଏହି ସରକାରୀ ତଥ୍ୟର ସଠିକ୍ ବିଶ୍ଳେଷଣ ଓ ଉପଯୋଗ ଦ୍ୱାରା ନୀତି ପ୍ରଣୟନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଓ ଲୋକାଭିମୁଖୀ କରାଯାଇପାରିବ । ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହ ଜନସେବା ପ୍ରଦାନକୁ ଦ୍ରୁତ ଓ ପ୍ରଭାବଶାଳୀ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାଜିବ ବୋଲି ସେମାନେ କହିଥିଲେ । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ଦେବେନ୍ଦ୍ର ପ୍ରଧାନ, ନାବାର୍ଡ, ଅର୍ଥନୀତି ଗବେଷକ ଡ଼ଃ ପୁଷ୍କର ଜେନା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଅଧ୍ୟାପକ ଡ଼ଃ ବିଶ୍ୱଜିତ୍ ଭୋଇ ଏବଂ ଡି.ଏ.ଭି ମହାବିଦ୍ୟାଳୟର ସହଅଧ୍ୟାପକ ଡ଼ଃ ବିନୋଦ ବିହାରୀ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ ।

## ଗଞ୍ଜାମରେ ମନ୍ଦିର ଲୁଟ୍ ଘଟଣା ଥମୁନାହିଁ

ଗଞ୍ଜାମ, ୩୦/୦୬ (ନି.ପ୍ର): ଗଞ୍ଜାମ ଜିଲାରେ ମନ୍ଦିର ଲୁଟ୍ ଘଟଣା ଥମିବାର ନାଁ ଧରୁନି । କିଛି ଦିନର ବ୍ୟବଧାନ ମଧ୍ୟରେ ଗୋଟିଏ ପରେ ଗୋଟିଏ ମନ୍ଦିର ଲୁଟ୍ ହେବାରେ ଲାଗିଛି । ପୁଲିସ ମନ୍ଦିର ଲୁଟେରା ମାନଙ୍କୁ କାବୁ କରିପାରୁ ନଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଗତ ରାତିରେ ଲୁଟେରା ମାନେ ବୈଦ୍ୟନାଥପୁର ଥାନାର ଚଣ୍ଡିମନ୍ଦିରରେ ପଶି ହୁଣ୍ଡିଭାଂଗି ଟଂକାପଇସା ଦାନବାକ୍ସରୁ ଲୁଟି ନେଇଥିବା ଖବରପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି ।

# ମାନସିକ ରୋଗ ଓ ଡାକ୍ତର 'ବିହାଇଣ୍ଡ ଦ ମାକ୍ସ, ହୁ ହିଲ୍ସ ଦି ହିଲରସ୍'



## ପ୍ରଫେସର ଡାକ୍ତର ସମ୍ରାଟ କର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି ।

ଚଳିତ ବର୍ଷର ଚିକିତ୍ସକ ଦିବସର ବାର୍ତ୍ତା ରହିଛି 'ବିହାଇଣ୍ଡ ଦ ମାକ୍ସ, ହୁ ହିଲ୍ସ ଦି ହିଲରସ୍' । ଜଣେ ପୀଡ଼ିତ ଓ ଛଟପଟ ହେଉଥିବା ଅସହାୟ ଜଣଙ୍କୁ ମୁହଁରେ ମାକ୍ସ ପିନ୍ଧିଥିବା ଲୋକଟି ଯିଏ ଚିକିତ୍ସା ଆଦରର ପରଷ ଦେଇ ପୀଡ଼ିତ ପୀଡ଼ାକୁ ଉପଶମ କରିଥାନ୍ତି, ତାଙ୍କ ସମ୍ପର୍କରେ ଅନେକ ନା ଜାଣିଥାନ୍ତି, ନା ଭଲଭାବେ ବୁଝିଥାନ୍ତି । ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା । ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ । ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା । ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ । ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ । ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି । ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ । ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ୍‌କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ । ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା । ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଉିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି । ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ । ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ । ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର । ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେ଼ଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଶଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ । ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ ।

+ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ଜ୍ୱରରେ କମ୍ପୁଛନ୍ତି ଶ୍ରୀଜୀଉ: ଅଣସର ଉପଚାର ବିଧି

## ସୁକାନ୍ତ ଛାଟୋଇ

ଯୁଗେ ଯୁଗେ ଲୀଳାମୟ ଭକ୍ତମାନଙ୍କ ପାଇଁ ଅନେକ ଲୀଳା ରଚନା କରିଛନ୍ତି । ସେଥିମଧ୍ୟରୁ କେତେକ ମାନବୀୟ ଲୀଳା ଅନ୍ୟତମ । ଏଥିମଧ୍ୟରେ କେତେବେଳେ ଭକ୍ତ ପାଇଁ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକିଯାଇଛି ତ ପୁଣି କେତେବେଳେ ଭୁଜ ବଢ଼ାଇ ଭକ୍ତ ହାତରୁ ନଡ଼ିଆ ନେଇଛନ୍ତି । ଏମିତି ଅନେକ ଲୀଳା ପାଇଁ ପୁରୁଷୋତ୍ତମ କ୍ଷେତ୍ର ପୁରୀ ଆଜି ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ବିଭିନ୍ନ ବର୍ଗର ଭକ୍ତଙ୍କୁ ଆକର୍ଷିତ କରିଛି । ଦାରୁବ୍ରହ୍ମ ସ୍ନାନ ପୂର୍ଣ୍ଣମୀରେ ଶହେଆଠ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଥାନ୍ତି । ଚତୁର୍ଦ୍ଧାବିଗ୍ରହଙ୍କ ଚାଲେ ଗୁପ୍ତ ପୂଜା । ଚଉଦ ଦିନ ଧରି ଅଣସର ପିଣ୍ଡିରେ ଗୁପ୍ତସେବା ପାଉଥିବା ସମୟରେ ତିନିରୂପରେ ଉପାସିତ ହୋଇଥାନ୍ତି ମହାପ୍ରଭୁ । ଏହି ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ, ପଟ୍ଟିଦିଅଁ, ପ୍ରସ୍ତର ବିଗ୍ରହ ରୂପେ ପୂଜା କରିଥାନ୍ତି ।

ଅନବସର କାଳରେ ପଛପଟେ ଦାରୁବ୍ରହ୍ମ ଅଣସର ପିଣ୍ଡରେ ଗୁପ୍ତ ପୂଜା ଓ ଉପଚାର ହେଉଥିବା ସମୟରେ ସମ୍ମୁଖରେ ଏକ ତାଟି ପଡ଼ି ତା ମଧ୍ୟରେ ଶ୍ରୀ ଅନନ୍ତ ବାସୁଦେବ, ମା'ଭୁବନେଶ୍ୱରୀ, ଶ୍ରୀ ନାରାୟଣଙ୍କ ପଟ୍ଟଚିତ୍ର ସ୍ଥାପନ କରାଯାଏ । ସମ୍ମୁଖରେ ଗୋଟିଏ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀଙ୍କୁ ବସାଇ ଉପାସନା କରାଯାଏ । ଯଦିଓ ମହାପ୍ରଭୁଙ୍କୁ ଅନ୍ନ ପ୍ରସାଦ ଭୋଗ କରାଯାଏ ନାହିଁ କିନ୍ତୁ ପଟ୍ଟଦିଅଁଙ୍କୁ ବଲ୍ଲଭ ବ୍ୟତୀତ ଅନ୍ନପ୍ରସାଦ ଓ ଅନ୍ୟାନ୍ୟ ବ୍ୟଞ୍ଜନ ପରିବେଷଣ କରାଯାଇଥାଏ । ପନ୍ଦର ଦିନ ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦିନ ଏହି ପଟ୍ଟିଦିଅଁଙ୍କୁ ବିସର୍ଜନ କରାଯାଇଥାଏ । ଏହିଭଳି ଭାବେ ପଟ୍ଟିଦିଅଁଙ୍କୁ ଉପାସନା କରାଯାଇଥାଏ ।

ସ୍ନାନ ପୂର୍ଣ୍ଣିମାରେ ଅମୁହାଁ କୂଅ ଜଳରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ । ଅଣସର ଘରେ ଚାଲିବାର ପରମ୍ପରା ରହିଛି । ଚତୁର୍ଦ୍ଧା ବିଗ୍ରହଙ୍କ ଗୁପ୍ତ ସେବା । ମହାପ୍ରଭୁଙ୍କ ଏହି ପନ୍ଦର ଦିନ ଉପଚାର ବିଧି ହେଉଛି ଯେ, ଆଷାଢ଼ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଏ । ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ରଫିଟା ନୀତି ସମ୍ପନ୍ନ ହୁଏ । ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ । ସ୍ୱତନ୍ତ୍ର ଭାବେ ଏହି ତେଲ ପ୍ରସ୍ତୁତ କରାଯାଇଥାଏ । ଷଷ୍ଠୀ ଠାରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ । ଏହି ଓଷୁଅ ଅଣସର ଶୁଦ୍ଧସୁଆରମାନେ ବାଡ଼ ଅନୁଯାୟୀ ଯୋଗାଇଥାନ୍ତି । ଝୁଣା, ରାଶିତେଲରେ ଏହା ପ୍ରସ୍ତୁତ ହୁଏ । ଦଶମୀ ଦିନ ଦଇତା ସେବକମାନେ ଅଣସର ଘରେ ଦାରୁବିଗ୍ରହଙ୍କୁ ଚକା ଉପରକୁ ବିଜେ କରାଇଥାନ୍ତି । ଏହାକୁ ଚକା ବିଜେ କୁହାଯାଏ । ଏହି ଦିନ ଚତୁର୍ଦ୍ଧା ବିଗ୍ରହ ସାମାନ୍ୟ ଆରୋଗ୍ୟ ଅନୁଭବ କରନ୍ତି ।

ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ । ଏହାକୁ ମଧ୍ୟ ଅଣସର ଶୁଦ୍ଧସୁଆର ଯୋଗାଇଥାନ୍ତି । ଅଣସର ଘରେ ପ୍ରବେଶ କରିବା ଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି କରାଯାଇଥାଏ । ଏହି ଏକାଦଶୀରେ ଠାକୁରମାନଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ । ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥାନ୍ତି । ଏହି ଦିନ ଗୀତିଗୋବିନ୍ଦ ଖଣ୍ଡୁଆ, ତୁଳସୀ ଏବଂ ବିଭିନ୍ନ ରଙ୍ଗର ପୁଷ୍ପ ମଧ୍ୟ ପରିଧାନ କରନ୍ତି । ଦଶମୂଳ ସେବନ କରିବା ପରେ ଆରୋଗ୍ୟଲାଭ କରନ୍ତି ମହାପ୍ରଭୁ । ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାଚରଣ କାର୍ଯ୍ୟ ଆରମ୍ଭ କରାଯାଏ । ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବାପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ । ଏହାପରେ ଅଣସରେ ଘରେ ରହିଥିବା ପନ୍ଦର ଦିନର ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତ ମହାପାତ୍ର ବନକଲାଗି କରିଥାନ୍ତି । ଆଷାଢ଼ ଅମାବାସ୍ୟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଏବଂ ନେତ୍ରୋତ୍ସବ ଅନୁଷ୍ଠିତ ହୁଏ ।

ଶ୍ରୀଜୀଉଙ୍କ ଅଣସର ନୀତି ସମ୍ପର୍କରେ ଗବେଷକ ମାନଙ୍କ ମତ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଶବର ଦେବତା । ତେବେ ଲୀଳାମୟଙ୍କ ଅନେକ ଲୀଳା ଭିତରେ ଅଣସର ଅବକାଶ ଲୀଳା ହେଉଛି ଏକ ସ୍ୱତନ୍ତ୍ର ଓ ଅନନ୍ୟ ଲୀଳା । ବର୍ଷକରେ ଥରେ ଶ୍ରୀଜୀଉ ଦଇତା ନିଯୋଗଙ୍କ ସେବା ପୂଜାରେ ସୁସ୍ଥ ହୋଇ ନିଜ ମାନବୀୟ ଲୀଳା ପ୍ରଦର୍ଶନ କରନ୍ତି । ଅଣସର ଲୀଳା ପରେ ଶ୍ରୀଜୀଉ ରତ୍ନସିଂହାସନକୁ ପଛ କରି ବଡ଼ଦାଣ୍ଡରେ ଶରଧା ବାଲିକୁ ଧାଇଁ ଆସନ୍ତି ଆମ ସମସ୍ତଙ୍କୁ କୋଳେଇ ନେବା ପାଇଁ । ମହାପ୍ରଭୁଙ୍କ ଅଣସର ଲୀଳା ସମୟରେ ମନେପଡୁଛି କବି ଆର୍ତ୍ତ ଦାସଙ୍କ ସେହି କାଳଜୟୀ ଭାବପୂର୍ଣ୍ଣ ଜଣାଣ - 'ପତିତପାବନ ବାନା ଆଉ କେତେ ବେଳକୁ, ଭାସିଗଲି ଭବଜଳେ ନାବ ଦିଅ କୂଳକୁ ।'

+ପୋପରଡ଼ା, ନୂଆ ବଜାର, କଟକ,
ମୋ: ୮୨୪୯୨୬୦୬୨୧

# ବାମପନ୍ଥୀ ଆନ୍ଦୋଳନ ସଙ୍କୁଚିତ କାହିଁକି ?



## ଅଧ୍ୟାପକ ଗୋପବନ୍ଧୁ

ଭାରତବର୍ଷରେ ବାମପନ୍ଥୀ ଆନ୍ଦୋଳନ କ୍ରମେ ଦୁର୍ବଳ ହେବାପରି ମନେ ହେଉଛି । ନିକଟରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କେରଳ ଥିଲା ଶେଷ ବାମପନ୍ଥୀ ଶାସିତ ରାଜ୍ୟ । ଏଠାରେ ମଧ୍ୟ ଏମାନେ ପରାଜିତ ହୋଇଛନ୍ତି । ଅବଶ୍ୟ ଏଠାରେ ନିୟମିତଭାବେ କ୍ଷମତାର ପରିବର୍ତ୍ତନ ହେଉଛି । ବେଳେବେଳେ କଂଗ୍ରେସ ମେଣ୍ଟ କେତେବେଳେ ବାମପନ୍ଥୀ ମେଣ୍ଟ କ୍ଷମତାକୁ ଆସୁଛି । ଅର୍ଥାତ୍ ଏହି ରାଜ୍ୟରେ ଏବେବି କିଛିଟା ବାମପନ୍ଥୀ ବିଚାର ବଞ୍ଚିଛି । ଏଠାରେ ବାମପନ୍ଥୀମାନେ ବିରୋଧି ଦଳର ଭୂମିକାରେ ଅଛନ୍ତି । ୧୪୦ ଟି ଆସନରୁ ୩୫ ଟିରେ ଜିତିଛନ୍ତି । ଏହି ରାଜ୍ୟବାଦେ ପଶ୍ଚିମବଙ୍ଗ ଓ ତ୍ରିପୁରାରେ ପୂର୍ବରୁ ବାମପନ୍ଥୀ ସରକାର ଥିଲା । ତ୍ରିପୁରାରେ ବାମପନ୍ଥୀମାନେ ବିରୋଧୀ ଦଳର ଆସନରେ ଅଛନ୍ତି ୬୦ ଟିରୁ ୧୦ ଟି ଆସନରେ ଜିତି । ସବୁଠାରୁ ଦୟନୀୟ ଅବସ୍ଥା ପଶ୍ଚିମବଙ୍ଗରେ । ଏହି ରାଜ୍ୟକୁ ଦିନେ ବାମପନ୍ଥୀ ଆନ୍ଦୋଳନର ଏନ୍ତୁଡିଶାଳ ବୋଲି କୁହାଯାଉଥିଲା । ହେଲେ ଗତ ବିଧାନସଭା ନିର୍ବାଚନରେ ବାମପନ୍ଥୀମାନେ, ୨୯୪ ରୁ ମାତ୍ର ଦୁଇଟି ଆସନ ଜିତିବାକୁ ସକ୍ଷମ ହୋଇଛନ୍ତି । ନିକଟ ଭବିଷ୍ୟତରେ ରାଜ୍ୟରେ ପୁନର୍ବାର ବାମପନ୍ଥୀମାନେ କ୍ଷମତାକୁ ଫେରିବା କଷ୍ଟକର ବୋଲି ଚର୍ଚ୍ଚା ହେଉଛି । ଏତତ୍ ବ୍ୟତୀତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଏମାନଙ୍କ ଯେଉଁ ସ୍ଥିତିଗତ ଗୁରୁତ୍ୱ ଥିଲା, ତାହା କ୍ରମେ ଦୁର୍ବଳ ହେଉଛି ।

ନିର୍ବାଚନ ଫଳାଫଳ ଅନୁଯାୟୀ ଦେଶରେ ଦକ୍ଷିଣପନ୍ଥୀ ବିଚାରଧାରା ବିସ୍ତାରଲାଭ କରୁଛି । ବିଜେପି ଏକ ଦକ୍ଷିଣପନ୍ଥୀ ରାଜନୈତିକ ଦଳ । ଏହାର ସହଯୋଗୀମାନେ ମଧ୍ୟ ଦକ୍ଷିଣପନ୍ଥୀ । ମୋଟରେ ଦେଖିବାକୁ ଗଲେ ଏନଡିଏ ଏକ ଦକ୍ଷିଣପନ୍ଥୀ ମେଣ୍ଟ । ବିରୋଧି କଂଗ୍ରେସ ମଧ୍ଯ ଏକ ଦକ୍ଷିଣପନ୍ଥୀ ଦଳ । ଏହାର ସହଯୋଗୀ ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ଦକ୍ଷିଣପନ୍ଥୀ । ତେବେ ଆବଶ୍ୟକତା ଦୃଷ୍ଟିରୁ ଏହି ମେଣ୍ଟରେ ବାମପନ୍ଥୀ ଦଳମାନେ ମଧ୍ୟ ରହିଛନ୍ତି । ବର୍ତ୍ତମାନ କେନ୍ଦ୍ରରେ ଯେଉଁ ସରକାର ଚାଲିଛି ତାହା ହେଉଛି ଦକ୍ଷିଣପନ୍ଥୀ ସରକାର । ପ୍ରାୟ ସମସ୍ତ ରାଜ୍ୟରେ ଦକ୍ଷିଣପନ୍ଥୀ ସରକାର ଚାଲିଛି । ତାମିଲନାଡୁରେ ଯେଉଁ ସରକାର ଚାଲିଛି ତାହା ସମ୍ପୂର୍ଣ୍ଣ ଦକ୍ଷିଣପନ୍ଥୀ ନୁହେଁ । ଏହା ଉପରେ ବାମପନ୍ଥୀ ବିଚାରର ଛାପ ରହିଛି । ଉଭୟ ବିଜେପି ଓ କଂଗ୍ରେସ ଦକ୍ଷିଣପନ୍ଥୀ ହେଲେବି କଂଗ୍ରେସ ଉପରେ କିଛିଟା ବାମପନ୍ଥୀ ଆଭାସ ରହିଛି । ଅନ୍ୟପକ୍ଷରେ ବିଜେପି ଏକ ଶୁଦ୍ଧ ଦକ୍ଷିଣପନ୍ଥୀ ଦଳ । କେତେକ ଏହାକୁ ଅତି ଦକ୍ଷିଣପନ୍ଥୀ ଦଳଭାବେ ସମ୍ବୋଧିତ କରନ୍ତି ।

ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦୁଇଟି ପରସ୍ପର ବିରୋଧୀ ବିଚାରଧାରା । ବାମପନ୍ଥୀମାନେ ସାମ୍ୟବାଦରେ ବିଶ୍ୱାସ କରନ୍ତି, ଅର୍ଥାତ ସମାନତାରେ ବିଶ୍ୱାସ କରନ୍ତି । ଏମାନେ ପରିବର୍ତ୍ତନକାମୀ ଓ ପ୍ରତିକ୍ରିୟାଶୀଳ ରାଜନୀତିରେ ବିଶ୍ୱାସୀ । ସମତାଭିତ୍ତିକ ଅର୍ଥନୈତିକ ବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱ ଦିଅନ୍ତି । ବୈଜ୍ଞାନିକ ଆଭିମୁଖ୍ୟ ଓ ହେତୁବାଦୀ ବିଚାର ଦ୍ୱାରା ଏମାନେ ଅଭିପ୍ରେତ । ଶ୍ରେଣୀସଂଘର୍ଷ ଜରିଆରେ ଏମାନେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି । ତେଣୁ ଶ୍ରମିକଶ୍ରେଣୀଙ୍କୁ ସଂଗଠିତ କରିବା ଉପରେ ଗୁରୁତ୍ୱ ଦିଅନ୍ତି । ଅର୍ଥନୈତିକ ଅସମାନତା ଯୋଗୁଁ ସମାଜରେ ଧାର୍ମିକ ଓ ସାଂସ୍କୃତିକ ବ୍ୟଭିଚାର ଦେଖାଦେଇଛି । ଏହାକୁ ନେଇ ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟ ପରିବ୍ୟାପ୍ତ ହୋଇଛି । ତେଣୁ ଏମାନଙ୍କ ଯୁକ୍ତି ଯେ ଆର୍ଥିକ ସମାନତା ଆସିଲେ ଏସବୁ ଆପେ ଦୂରେଇ ଯିବ । ସମାଜରେ ବୈଜ୍ଞାନିକ ଚେତନାର ବିକାଶ ହେବ ଓ ହେତୁବାଦୀ ବିଚାର ଉପରେ ଗୁରୁତ୍ୱ ବଢ଼ିବ । ଭାରତବର୍ଷରେ ବାମପନ୍ଥୀମାନେ କେତେଦୂର ଏହି ବିଚାରଧାରାର ଅନୁଗାମୀ ଓ କେତେମାତ୍ରାରେ ସାମାଜିକ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି ତାହା ସମୀକ୍ଷା ଯୋଗ୍ୟ । ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀମାନେ ରକ୍ଷଣଶୀଳ । ପ୍ରଚଳିତ ଧର୍ମ, ସଂସ୍କୃତି ଓ ପରମ୍ପରାର ସମର୍ଥକ । ଏମାନେ ପ୍ରାୟତଃ ପୁଞ୍ଜିବାଦୀ ଅର୍ଥନୀତିରେ ବିଶ୍ୱାସ କରନ୍ତି । ସମାଜିକ ଓ ଆର୍ଥିକ ଅସମାନତା ଈଶ୍ୱର ପ୍ରଦତ୍ତ । ଆର୍ଥିକ ସମାନତା ଏକ ଅସମ୍ଭବ ବ୍ୟାପାର । ସମାଜରେ ଉଚ୍ଚନୀଚ ସୋପାନ ରହିବ । ଈଶ୍ୱର ସତ୍ତାକୁ ସ୍ୱୀକାର କରିବାକୁ ପଡିବ । ଏମାନେ ପାଶ୍ଚାତ୍ୟ ଦେଶରେ ଚର୍ଚ୍ଚର ଆଧିପତ୍ୟକୁ ସ୍ୱୀକାର କରୁଥିଲେ । ଭାରତରେ ମନ୍ଦିର ଓ ମସଜିଦର ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି । ପ୍ରାୟତଃ ଦକ୍ଷିଣପନ୍ଥୀମାନେ ଭଗବାନ ବିଶ୍ୱାସୀ । ତାଙ୍କ ଇଚ୍ଛାମତେ ସବୁକିଛି ପରିଚାଳିତ । ଧର୍ମଶାସ୍ତ୍ରମାନଙ୍କରେ ଯାହା ସବୁ ବର୍ଣ୍ଣନା ହୋଇଛି ସେସବୁ ସତ୍ୟ । ଏମାନେ ବିଜ୍ଞାନ ଓ ବୈଜ୍ଞାନିକ ସିଦ୍ଧାନ୍ତକୁ ମାନିବାକୁ ଅନେକ ସମୟରେ କୁଣ୍ଠାବୋଧ କରନ୍ତି । ହେତୁବାଦ ଅନେକ ଧାର୍ମିକ କଥନକୁ ମିଥ୍ୟାବୋଲି ପ୍ରମାଣ କରୁଥିବା ଯୋଗୁଁ ଏହାକୁ ସେମାନେ ଘୋର ବିରୋଧ କରନ୍ତି । ଲୋକମାନଙ୍କ ଭିତରେ ଧର୍ମ ଓ ଈଶ୍ୱର ଭାବନା ପ୍ରସାର କରିବା ଏହିପ୍ରକାର ସରକାରର ଏକ ମୁଖ୍ୟ ଯୋଜନା । ଭାରତବର୍ଷରେ ରାମମନ୍ଦିର ଆନ୍ଦୋଳନ ଏହାର ଏକ ଉଦାହରଣ । ଭାରତରେ ଦକ୍ଷିଣପନ୍ଥୀ ସରକାର ଆସିଲାପରେ ଚାରିଆଡ଼େ ମନ୍ଦିର ନିର୍ମାଣ କାର୍ଯ୍ୟ ବ୍ୟାପକଭାବେ ହେଉଛି । ଗାଁ ଗାଁରେ ମନ୍ଦିର ନିର୍ମାଣ ହେଉଛି । ଭଜନକୀର୍ତ୍ତନ, ଯଜ୍ଞପ୍ରବଚନ ଆଦି ବଢ଼ିବାରେ ଲାଗିଛି । ଯୁକ୍ତି ଓ ତଥ୍ୟଗତ ପ୍ରମାଣ ଅପ୍ରାସଙ୍ଗିକ ହୋଇଯାଉଛି । ଆସ୍ଥା ଓ ବିଶ୍ୱାସ ଏଗୁଡ଼ିକର ସ୍ଥାନ ନେଉଛି । ବିଶ୍ୱରେ ଦକ୍ଷିଣପନ୍ଥୀ ସଂଖ୍ୟାବହୁଳ ଧାର୍ମିକ ସରକାର ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବାର ଦେଖାଯାଏ । ଧାର୍ମିକ ବିବାଦ ଏହାର ବଡ ଦୁର୍ବଳତା । ନିଜ ଧର୍ମ ଶ୍ରେଷ୍ଠ ଓ ଅନ୍ୟଧର୍ମ ନିକୃଷ୍ଟ ଏହି ଧାରଣାର ବଶବର୍ତ୍ତୀ ଏମାନେ ।

ପଶ୍ଚିମବଙ୍ଗ, ତ୍ରିପୁରା ଓ କେରଳ ସମେତ ସମଗ୍ର ଭାରତବର୍ଷରେ ବାମପନ୍ଥୀମାନଙ୍କ ପ୍ରତି ସମର୍ଥନ ହ୍ରାସ ପାଉଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଦେଶରେ ଦକ୍ଷିଣପନ୍ଥୀଙ୍କ ପ୍ରତି ସମର୍ଥନ ବଢୁଛି । ଏହାର ଅର୍ଥ କେବଳ ବାମପନ୍ଥୀ ଭୋଟ ଦକ୍ଷିଣପନ୍ଥୀ ଆଡକୁ ଯାଉଛି ତାହା ନୁହେଁ, ଏହା ସହିତ ବିଚାରର ମଧ୍ଯ ପରିବର୍ତ୍ତନ ହେଉଛି । ଅର୍ଥାତ୍ ବାମପନ୍ଥୀମାନେ କ୍ରମେ ଦକ୍ଷିଣପନ୍ଥୀ ହେଉଛନ୍ତି । ଏପ୍ରକାର ଆଦର୍ଶଗତ ପରିବର୍ତ୍ତନ ବିଜେପି ପାଇଁ ସୁଖକର ହୋଇପାରେ, କିନ୍ତୁ ବାମପନ୍ଥୀ ରାଜନୈତିକ ଦଳଗୁଡିକ ପାଇଁ ଚିନ୍ତାର ବିଷୟ ନିଶ୍ଚୟ । ବାମପନ୍ଥୀ ଦଳଗୁଡ଼ିକୁ ଆତ୍ମ ସମିକ୍ଷା କରିବାକୁ ପଡ଼ିବ କାହିଁକି ତାଙ୍କ ପ୍ରତି ଜନସମର୍ଥନ ହ୍ରାସ ପାଉଛି । ବାମପନ୍ଥୀମାନେ ପ୍ରାୟତଃ ନାସ୍ତିକ କିମ୍ବା ଅର୍ଦ୍ଧନାସ୍ତିକ । ବିଜେପି ସମେତ ସମସ୍ତ ସହଯୋଗୀ ଦଳର ଲୋକମାନେ ଆସ୍ତିକ । ତେଣୁ ଗ୍ରହଣ କରିବାକୁ ପଡିବ ନାସ୍ତିକମାନେ କ୍ରମେ ଆସ୍ତିକ ହେଉଛନ୍ତି । ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନ ପରେ ଏଠାକାର ଜନତା ଟିଏମ୍‌ସି ଆଡକୁ ମୁହାଁଇ ଥିଲେ । ପୁଣି ଟିଏମ୍‌ସିର ୧୫ ବର୍ଷର ଶାସନ ପରେ ସେମାନେ ପୁଣି ବିଜେପି ଆଡକୁ ମୁହାଁଇଛନ୍ତି । ଅର୍ଥାତ୍ ବାମପନ୍ଥୀରୁ ଗତି ଦକ୍ଷିଣପନ୍ଥୀକୁ, ସାମ୍ୟବାଦରୁ ପୁଞ୍ଜିବାଦକୁ ।

ଭରତବର୍ଷରେ ବାମପନ୍ଥୀ ଆନ୍ଦୋଳନ ନିମ୍ନଗାମୀ ହେବାର କାରଣ ହେଉଛି ଏମାନେ ଭାରତୀୟ ସାମାଜିକ ବିଷମତାକୁ ହଟାଇବା ଦିଗରେ ଉପାଦେୟ ପଦକ୍ଷେପ ନେଇ ନାହାଁନ୍ତି । ଏମାନେ ପାଶ୍ଚାତ୍ୟ ଆର୍ଥିକ ବିଷମତାର ବିଶ୍ଳେଷଣକୁ ଭାରତ ପାଇଁ ସଠିକ ବୋଲି ଧରି ନେଇଛନ୍ତି । ଆର୍ଥିକ ସମାନତା ଆସିଲେ ସାମାଜିକ ସମାନତା ଆସିବ, ତେଣୁ ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଲୋକଙ୍କ ଆର୍ଥିକ ବିକାଶ ଉପରେ ନିଜ କାର୍ଯ୍ୟକ୍ରମକୁ ସୀମିତ ରଖିଛନ୍ତି । ସମାଜିକ ଅସମାନତାର ଜଡ ଜାତିପ୍ରଥାକୁ ହଟାଇବାର ପାରଦର୍ଶୀ କାର୍ଯ୍ୟକ୍ରମ ଏମାନଙ୍କ ନୀତିରେ ନାହିଁ । ଏହାକୁ ଏକ ସମସ୍ୟାଭାବେ ଗ୍ରହଣ କରିବାକୁ ଏମାନେ ପ୍ରସ୍ତୁତ ନୁହଁନ୍ତି । ଏହାର କାରଣ ହେଉଛି ଦେଶରେ ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ସେହି ତଥାକଥିତ ଅଗ୍ରସର ବର୍ଗଙ୍କ ହାତରେ ରହିଛି, ଯେଉଁମାନେ କଦାପି ଚାହାଁନ୍ତି ନାହିଁ ଜାତିବ୍ୟବସ୍ଥାର ସମାପ୍ତ ହେଉ । କିନ୍ତୁ ଏମାନେ ଶ୍ରମିକ ଓ ଦରିଦ୍ର ଲୋକଙ୍କୁ ନେଇ ସଂଗଠନ କରନ୍ତି ଯେଉଁମାନେ ପ୍ରାୟତଃ ସମାଜର ତଥାକଥିତ ତଳଜାତିର ଲୋକ । ତେଣୁ ଶୀର୍ଷନେତା ଓ ତଳକର୍ମୀଙ୍କ ମଧ୍ୟରେ ଭିନ୍ନ ସାମାଜିକ ଭାବନା ରହିଛି । କର୍ମୀମାନେ ଭାବୁଛନ୍ତି ଦକ୍ଷିଣପନ୍ଥୀ ନେତାମାନେ ଯେଉଁପରି ଉଚ୍ଚଜାତିବାଦୀ ଭାବନାର ଶୀକାର, ବାମପନ୍ଥୀ ନେତାମାନେ ମଧ୍ଯ ସେହିପରି ଉଚ୍ଚଜାତିବାଦୀ ଭାବନାରେ ବୁଡ଼ି ରହିଛନ୍ତି । ଖାଲି ଭାଷଣରେ ସମାନତା, କାମରେ ନୁହେଁ ।

ଆଗକୁ ଭାରତୀୟ ବାମପନ୍ଥୀ ଆନ୍ଦୋଳନର କଠିନ ସମୟ ଆସୁଛି । ଅନ୍ୟ ଏକ ପନ୍ଥୀ ଦେଶରେ କ୍ଷୀପ୍ରଭାବେ ବିସ୍ତାରଲାଭ କରୁଛି, ତାହା ହେଉଛି ଭୀମପନ୍ଥୀ । ଏମାନେ ନା ବାମପନ୍ଥୀରେ ଯାଆନ୍ତି ନା ଦକ୍ଷିଣପନ୍ଥୀରେ ଯାଆନ୍ତି । ଏମାନେ ଆର୍ଥୀକ ସ୍ୱାବଲମ୍ବନଶୀଳ ହେବା ସହିତ ଜାତିବ୍ୟବସ୍ଥା ଓ ଧାର୍ମିକ ପାଖଣ୍ଡବାଦର ବିରୋଧୀ । ଏମାନେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଓ ମାର୍ଗକୁ ଅନୁସରଣ କରନ୍ତି । ବାମପନ୍ଥୀ ତୁଲ୍ୟ ଏମାନଙ୍କ ମଧ୍ୟ ଜନାଧାର ହେଉଛି ସମାଜର ତଳ ସ୍ତରର ଜାତିମାନେ, ଯେଉଁମାନେ ଜାତିବ୍ୟବସ୍ଥା ଦ୍ୱାରା ଅତ୍ୟାଚାରୀତ ଓ ଶୋଷିତ ହୋଇ ଆସିଛନ୍ତି । ତଫାତ ହେଉଛି ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ତଥାକଥିତ ଉଚ୍ଚଜାତିମାନେ ନେଉଛନ୍ତି ଓ ଭୀମବାଦୀ ଆନ୍ଦୋଳନର ନେତୃତ୍ୱ ଏମାନେ ନିଜେ ନେଉଛନ୍ତି । ତେଣୁ ବାମପନ୍ଥୀ ଜନାଧାରା କ୍ରମେ ଏମାନଙ୍କ ଆଡକୁ ମୁହାଁଉଛି । ଏମାନେ ଯେତେ ବଢିବେ ବାମପନ୍ଥୀ ଆନ୍ଦୋଳନ ସେତେ ଦୁର୍ବଳ ହେବ । ଭାରତବର୍ଷର ପରିପ୍ରେକ୍ଷୀରେ ବାମପନ୍ଥୀମାନେ ଜାତିଗତ ଅସମାନତାର ସମାଧାନକୁ ଗୁରୁତ୍ୱ ନଦେବା ତାତ୍ତ୍ୱିକ ତ୍ରୁଟି ପରି ମନେହୁଏ । ଭାରତୀୟ ପୁଞ୍ଜିବାଦର ଶକ୍ତି ହେଉଛି ଜାତିବ୍ୟବସ୍ଥା । ଏହା କେବେବି ଶ୍ରମିକ-ଦରିଦ୍ର ଗୋଷ୍ଠୀକୁ ଏକତ୍ରୀତ ହେବାକୁ ଦେବନାହିଁ । ଜାତିବ୍ୟବସ୍ଥା ସର୍ବଦା ଏମାନଙ୍କୁ ଭାଗ ଭାଗ କରି ରଖିବ । ବାମପନ୍ଥୀମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବପର ଯଦି ଏମାନେ ଉଭୟ ଆର୍ଥିକ ଓ ସାମାଜିକ ବିଷମତାକୁ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ନୂତନ ଜାତିରହିତ ପ୍ରଗତୀଶୀଳ ସମାଜର ପରିକଳ୍ପନା କରନ୍ତି । ଏଥିପାଇଁ ଏହାର ଶୀର୍ଷ ନେତୃତ୍ୱକୁ ଜାତି କବଳରୁ ମୁକୁଳିବାକୁ ପଡିବ । କର୍ମୀମାନଙ୍କୁ ଏଦିଗରେ ପ୍ରେରିତ କରିବାକୁ ହେବ । ଜାତିବାଦୀ ଖୋଳ ଭିତରେ ରହି ସାମ୍ୟବାଦୀ ଆନ୍ଦୋଳନ କରାଯାଇ ପାରିବ ନାହିଁ ବୋଲି ହୃଦବୋଧ କରାଇବାକୁ ହେବ । ଆଜିବି ଦେଶରେ ସାମ୍ୟବାଦୀ ଆନ୍ଦୋଳନର ପ୍ରାସଙ୍ଗିକତା ରହିଛି । ଏମାନେ ଜାତିବାଦୀ ବ୍ୟବସ୍ଥାରୁ ବାହାରି ଏକ ନୂତନ ଜାତିବିହୀନ, ବିଜ୍ଞାନସମ୍ମତ ଓ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠା ପାଇଁ ଆଗଭର ହେଲେ ପୁଣି ଆନ୍ଦୋଳନ ଆଗକୁ ବଢିପାରିବ । ଅନ୍ୟଥା ସାଧାରଣ ଜନତା ଜାତିବାଦୀ ବାମବାଦ ଛାଡି ଶୁଦ୍ଧ ଦକ୍ଷିଣବାଦ ଆଡ଼େ ମୁହାଁଇବା ନିଶ୍ଚିତ ।

+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

# ସଫଳତା ପଛର ରହସ୍ୟ

## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା



ସଫଳତା ପାଇବାକୁ ହେଲେ ଜୀବନରେ ବହୁତ ପରିଶ୍ରମ କରିବା ଜରୁରୀ । ବିନା ପରିଶ୍ରମରେ କୌଣସି ସଫଳତା ପାଇବା ତ ଦୂର କଥା ଏ ସଂପର୍କରେ ଚିନ୍ତା କରିବା ମଧ୍ୟ ମୁସ୍କିଲ । ସଫଳତା ପାଇବାକୁ ହେଲେ ପରିଶ୍ରମ ସହ ଅନେକ କିଛି କରିବାକୁ ପଡ଼ିଥାଏ । ଯଦି କୌଣସି କାମରେ ସଫଳତା ମିଳେ ତେବେ ସେହି କାମକୁ କେବେ ଏବଂ କିପରି କରିବା ସହିତ ଏହି ସଫଳତା ପାଇଁ କି ପ୍ରକାର ସାଧନା କରିବା ଦରକାର ସେ ବିଷୟରେ ପ୍ରଥମେ ଜାଣିବାର ଆବଶ୍ୟକତା ରହିଛି । ଶାସ୍ତ୍ରରେ ମଧ୍ୟ କୁହାଯାଇଛି ଯେଉଁ ବ୍ୟକ୍ତି ଏ ସମସ୍ତ ବିଷୟ ହୃଦୟଙ୍ଗମ କରିପାରିବ ସେ ସଫଳତା ପାଇପାରିବ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ନିଷ୍ଠା, ଅଧ୍ୟବସାୟ, ପରିଶ୍ରମ, ରଣନୀତି, ବିଶ୍ୱାସ, ପ୍ରୋତ୍ସାହନର ଆବଶ୍ୟକତା ରହିଛି, ଯାହା ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ପାଖରେ ଥିଲା । ଏହା ସହିତ ସଫଳତା ପାଇବାକୁ ହେଲେ ଧୀର, ଗମ୍ଭୀର ଏବଂ ଶାନ୍ତ ସ୍ୱଭାବର ହେବା ଦରକାର । ପ୍ରଭୁ ରାମଚନ୍ଦ୍ର ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପିତାଙ୍କ ଆଦେଶ ମାନିଥିଲେ ଏବଂ କେବିର୍ତ୍ତ, ଶବରୀ ସହିତ ଉତ୍ତମ ବ୍ୟବହାର କରିବା ସହ ସମସ୍ତଙ୍କୁ ସମାନ ଆଚରଣ କରୁଥିଲେ । ସମୁଦ୍ରରେ ବିଶାଳ ସେତୁ ନିର୍ମାଣରେ ଗୁଣ୍ଡୁଚିର ସହାୟତାକୁ ମଧ୍ୟ ଗ୍ରହଣ କରିଥିଲେ । ଯାହାକି ଏକ ଉତ୍ତମ ରଣନୀତିର ଉଦାହରଣ । ଏସବୁ ଗୁଣ ନଥିଲେ ସେ ଏତେ ବଡ଼ ଶକ୍ତିଶାଳୀ ରାକ୍ଷସର ବିନାଶ କରିପାରି ନଥାନ୍ତେ ଯାହାକି ରଣନୀତି, କୁଟନୀତି ଏବଂ ପରାକ୍ରମର ସର୍ବଶ୍ରେଷ୍ଠ ଉଦାହରଣ ।

ବର୍ତ୍ତମାନ ସମୟକୁ ଦେଖିଲେ ଜୀବନରେ ସଫଳତା ପାଇବା ପାଇଁ ନିଶ୍ଚିନ୍ତ ଭାବରେ ଅନେକ ଆହ୍ୱାନକୁ ସାମ୍ନା କରିବାକୁ ଯେ ପଡ଼ଥାଏ ତାହା ଆମେ ଜାଣିଛେ । ସଫଳତା ପାଇବା ଏକ ଗୋଟିଏ ଦିନର କାର୍ଯ୍ୟନୁହେଁ । ଆମ ମାନଙ୍କର ଜୀବନର ସଫଳତା ପାଇବା ପାଇଁ ସତ୍‌ଚିନ୍ତା, ସତଜ୍ଞାନ ଏବଂ ପରୋପକାର ପରି ଭୂଷଣକୁ ଗ୍ରହଣ କରିବା ପାଇଁ ପଡ଼ିବ । ଜୀବନକୁ ନିତ୍ୟାନନ୍ଦମୟ କରି ଜୀବନର ତାତ୍ପର୍ଯ୍ୟ ବୁଝି ଦିବ୍ୟଗୁଣରେ ଭୂଷିତ ହୋଇ ସୁଖରେ, ଶାନ୍ତିରେ, ଆନନ୍ଦରେ ନିଜେ ବଞ୍ଚିପାରିବା ସହ ଅନ୍ୟମାନଙ୍କୁ ବଞ୍ଚିବାର ରାସ୍ତା ଦେଖାଇବ । ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସତା ନିହିତ । ବିଶ୍ୱପ୍ରେମ ହିଁ ଜୀବନର ଜୀବିକା ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଚହଟା ନଗର,
ଲେନ୍-୬, କଟକ-୧୪,
ମୋ: : ୭୦୦୮୪୭୮୯୮୬

# ବିଶ୍ୱ ତାପନର ନୂଆ ଶିକାର ୟୁରୋପ୍

ବିଗତ କିଛି ବର୍ଷ ଧରି ପାଣିପାଗର ଚରମ ଅବସ୍ଥା ପାଶ୍ଚାତ୍ୟ ଜଗତ ପାଇଁ ଏକ ଦୂରବର୍ତ୍ତୀ ସଙ୍କଟ ଭଳି ମନେ ହେଉଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ ୟୁରୋପରେ ଦେଖାଦେଇଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ଉତ୍ତାପ ଲହରୀ ବୈଜ୍ଞାନିକମାନଙ୍କର ସେହି ପୁରୁଣା ଚେତାବନୀକୁ ସତ୍ୟ ପ୍ରମାଣିତ କରିଛି ଯେ, ଜଳବାୟୁ ପରିବର୍ତ୍ତନ ହେଉଛି ଏକ ପରସ୍ପର ସହ ଜଡ଼ିତ ଗ୍ରହ ସ୍ତରୀୟ ଜରୁରୀକାଳୀନ ପରିସ୍ଥିତି ବା ପ୍ଲାନେଟାରୀ ଇମର୍ଜେନ୍ସି । ବିକାଶଶୀଳ ଦେଶଗୁଡ଼ିକ ବାହାରେ ଥିବା ଲୋକମାନେ ବିଶ୍ୱ ତାପନ ବା ଗ୍ଲୋବାଲ୍ ୱାର୍ମିଂର ପ୍ରଭାବକୁ ତୀବ୍ର ଭାବରେ ଅନୁଭବ କରିବାର ମାତ୍ର ଏକ ଦଶନ୍ଧି ବିତିଛି। ୟୁରୋପରେ ୨୦୧୯, ୨୦୨୨, ୨୦୨୩ ଏବଂ ୨୦୨୪ ମସିହାର ଗ୍ରୀଷ୍ମ ଋତୁରେ ତାପମାତ୍ରାର ସମସ୍ତ ରେକର୍ଡ ଭାଙ୍ଗିଯାଇଥିଲା । ଚଳିତ ୨୦୨୬ ବର୍ଷରେ ମଧ୍ୟ ଏହି ଉତ୍ତପ୍ତ ପାଣିପାଗ ସମଗ୍ର ମହାଦେଶର ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ସାବ୍ୟସ୍ତ ହୋଇଛି । ଫ୍ରାନ୍ସ, ବ୍ରିଟେନ୍, ସ୍ପେନ୍, ପର୍ତ୍ତୁଗାଲ୍, ବେଲଜିୟମ୍, ନେଦରଲ୍ୟାଣ୍ଡ ଏବଂ ଜର୍ମାନୀ ଭଳି ଅନେକ ଦେଶରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ହୋଇଯାଇଛି । ଫ୍ରାନ୍ସ ଏବଂ ୟୁରୋପର ଅନ୍ୟାନ୍ୟ ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି, ସ୍କୁଲଗୁଡ଼ିକ ବନ୍ଦ ରହିଛି, ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି ଏବଂ ସ୍ୱାସ୍ଥ୍ୟ ସେବା ଉପରେ ପ୍ରବଳ ଚାପ ପଡ଼ିଛି । ଉତ୍ତାପରୁ ରକ୍ଷା ପାଇବା ପାଇଁ ନଦୀ ଏବଂ କେନାଲରେ ଡେଇଁପଡ଼ି ଫ୍ରାନ୍ସରେ ଲୋକଙ୍କର ବୁଡ଼ି ମୃତ୍ୟୁବରଣ କରିବା ଘଟଣା ଏହି ସଙ୍କଟର ଭୟାବହତାକୁ ସୂଚାଉଛି । ଏହା ପ୍ରମାଣ କରୁଛି ଯେ ଆଧୁନିକ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରକୃତିର କରାଳ ରୂପ ସାମ୍ନାରେ ବିକଶିତ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅସହାୟ ।

ବିଶ୍ୱ ପାଣିପାଗ ସଂଗଠନ (WMO) ଏବଂ ୟୁରୋପୀୟ ୟୁନିଅନର ଜଳବାୟୁ ଏଜେନ୍ସି 'କୋପରନିକସ୍'ର ମିଳିତ ରିପୋର୍ଟ ଅନୁଯାୟୀ, ୟୁରୋପ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉତ୍ତପ୍ତ ହେଉଥିବା ମହାଦେଶ । ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ତୁଳନାରେ ୟୁରୋପର ତାପମାତ୍ରା ଦ୍ୱିଗୁଣିତ ହାରରେ ବୃଦ୍ଧି ପାଉଛି । ପ୍ରାକ୍-ଶିଳ୍ପ ସ୍ତର ତୁଳନାରେ ବର୍ତ୍ତମାନ ୟୁରୋପର ତାପମାତ୍ରା ୨.୩ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୧.୨ ରୁ ୧.୩ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ଅଛି । ଏହି ଅତ୍ୟଧିକ ତାପମାତ୍ରା ପଛରେ ଥିବା ମୁଖ୍ୟ ବୈଜ୍ଞାନିକ କାରଣ ହେଉଛି ଏକ ଅବରୁଦ୍ଧ ଉଚ୍ଚ-ଚାପ ପ୍ରଣାଳୀ ବା ବ୍ଲକଡ୍ ହାଇ-ପ୍ରେସର୍ ସିଷ୍ଟମ୍, ଯାହା ସାହାରା ମରୁଭୂମିରୁ ଉଷ୍ମ ବାୟୁ ଆଣି ୟୁରୋପ ଉପରେ ଆବଦ୍ଧ କରିଦେଉଛି । ଯଦିଓ ଏହା ୟୁରୋପୀୟ ଗ୍ରୀଷ୍ମ ଋତୁରେ ସମ୍ପୂର୍ଣ୍ଣ ଅସ୍ୱାଭାବିକ ନୁହେଁ, ତଥାପି ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ପ୍ରକ୍ରିୟା ବାରମ୍ବାର ଏବଂ ଅଧିକ ତୀବ୍ର ରୂପ ଧାରଣ କରୁଛି । ଏହାର ପରିଣାମ ସ୍ୱରୂପ କେବଳ ଉତ୍ତାପ ବଢୁନାହିଁ, ବରଂ ଜଳବାୟୁର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି, ଯାହାଦ୍ୱାରା ଲୋକମାନଙ୍କର ଦୈନନ୍ଦିନ ଜୀବନଯାପନ ଅସମ୍ଭବ ହୋଇପଡୁଛି ।

ଏହି ଅତ୍ୟଧିକ ତାପମାତ୍ରା କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ବ୍ୟାପକ ମାନବୀୟ କ୍ଷତି ମଧ୍ୟ ଘଟାଉଛି । ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲଥ୍ (ISGlobal) ଦ୍ୱାରା ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ, କେବଳ ୨୦୨୨ ରୁ ୨୦୨୪ ମସିହା ମଧ୍ୟରେ ୟୁରୋପରେ ଉତ୍ତାପ ଜନିତ କାରଣରୁ ପ୍ରାୟ ୧,୮୧,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା । କେବଳ ୨୦୨୪ ମସିହା ଗ୍ରୀଷ୍ମ ଋତୁରେ ୬୨,୭୦୦ ରୁ ଅଧିକ ଲୋକ ଉତ୍ତାପ ଯୋଗୁଁ ପ୍ରାଣ ହରାଇଥିଲେ, ଯାହାକି ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ଥିଲା । ବୈଜ୍ଞାନିକ ତଥ୍ୟଗୁଡ଼ିକୁ ଅଧିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ଗ୍ରୀଷ୍ମ ପ୍ରବାହ ସମାଜର ଦୁର୍ବଳ ବର୍ଗଙ୍କୁ ଅଧିକ ମାତ୍ରାରେ ଶିକାର କରୁଛି । ଅଧ୍ୟୟନ ଅନୁଯାୟୀ, ଉତ୍ତାପ ଜନିତ ମୃତ୍ୟୁ ହାର ମହିଳା ଏବଂ ବୟସ୍କ ଲୋକଙ୍କ କ୍ଷେତ୍ରରେ ସର୍ବାଧିକ ରହିଛି । ପରିସଂଖ୍ୟାନ ଦର୍ଶାଉଛି ଯେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କର ମୃତ୍ୟୁ ହାର ପ୍ରାୟ ୪୬.୭ ପ୍ରତିଶତ ଅଧିକ ରହିଥିବା ବେଳେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏହି ହାର ଅନ୍ୟ ବୟସ ବର୍ଗ ତୁଳନାରେ ୩୨୩ ପ୍ରତିଶତ ଅଧିକ ରହିଛି । ବାହାରେ କାମ କରୁଥିବା ଶ୍ରମିକ ଏବଂ କ୍ରୋନିକ୍ ରୋଗରେ ପୀଡ଼ିତ ଲୋକମାନେ ମଧ୍ୟ ଅତ୍ୟଧିକ ବିପଦରେ ଅଛନ୍ତି । ଏହି ତଥ୍ୟ ପ୍ରମାଣ କରୁଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ ଏବଂ ସ୍ୱାସ୍ଥ୍ୟଗତ ସଙ୍କଟ ।

ଏହି ପରିସ୍ଥିତି ୟୁରୋପୀୟ ଭିତ୍ତିଭୂମିର ଏକ ବଡ଼ ଦୁର୍ବଳତାକୁ ପଦାରେ ପକାଇଛି । ୟୁରୋପର ଅଧିକାଂଶ ଅଟ୍ଟାଳିକା ଏବଂ ଭିତ୍ତିଭୂମି ଶୀତ ଦିନେ ଉଷ୍ମତା ବଜାୟ ରଖିବା ପାଇଁ ଡିଜାଇନ୍ କରାଯାଇଛି, ଉତ୍ତାପକୁ ପ୍ରତିହତ କରିବା ପାଇଁ ନୁହେଁ । ତେଣୁ, ୟୁରୋପର ବିଭିନ୍ନ ପୌରପାଳିକା ବର୍ତ୍ତମାନ କୁଲିଂ ସେଣ୍ଟର ସ୍ଥାପନ, ସବୁଜିମା ଅଞ୍ଚଳର ସମ୍ପ୍ରସାରଣ, ଅଟ୍ଟାଳିକାଗୁଡ଼ିକର ପୁନଃନିର୍ମାଣ, ହିଟ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଆଲୋଚନା କରୁଛନ୍ତି । ଏହି ଉତ୍ତାପର ପ୍ରଭାବ କେବଳ ମାନବ ସ୍ୱାସ୍ଥ୍ୟ ଉପରେ ସୀମିତ ନୁହେଁ, ବରଂ ଏହା ଅର୍ଥନୀତି, କୃଷି ଏବଂ ପରିବେଶ ଉପରେ ମଧ୍ୟ ବ୍ୟାପକ କ୍ଷତି ପହଞ୍ଚାଉଛି । ବର୍ଦ୍ଧିତ ତାପମାତ୍ରା କାରଣରୁ ମାଟିର ଆର୍ଦ୍ରତା ରେକର୍ଡ ସ୍ତରକୁ ଖସିଆସିଛି, ଯାହା କୃଷି ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରୁଛି ଏବଂ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ତେବେ ଏହି ସଙ୍କଟ ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖାଦେଇଛି। ୟୁରୋପରେ ସ୍ୱଚ୍ଛ ଶକ୍ତି ବା ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଛି । ତଥ୍ୟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ୟୁରୋପରେ ପବନ ଏବଂ ସୌର ଶକ୍ତି ମାଧ୍ୟମରେ ଉତ୍ପାଦିତ ବିଦ୍ୟୁତ୍ ପ୍ରଥମ ଥର ପାଇଁ ଜୀବାଶ୍ମ ଇନ୍ଧନ ବା ଫସିଲ୍ ଫୁଏଲ୍ ଠାରୁ ଅଧିକ ହୋଇଛି । କିନ୍ତୁ କେବଳ ଅନୁକୂଳନ ବା ଆଡାପ୍ଟେସନ୍ ସମସ୍ୟାର ଗୋଟିଏ ଦିଗକୁ ସମାଧାନ କରେ । ପ୍ରକୃତ ସମସ୍ୟା ହେଉଛି ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ, ଯାହାକୁ କମ୍ ନକଲେ ସ୍ଥାୟୀ ସମାଧାନ ଅସମ୍ଭବ ।

ଯଦି ଆମେ ଏହି ସଙ୍କଟକୁ ଏକ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବା, ତେବେ ଏହା ସ୍ପଷ୍ଟ ହେବ ଯେ ୟୁରୋପର ଏହି ଦୁର୍ଦ୍ଦଶା ସମଗ୍ର ବିଶ୍ୱ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ବା ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି । ୟୁରୋପ ଭଳି ଏକ ଧନୀ ଏବଂ ବିକଶିତ ମହାଦେଶ ଯଦି ଅତ୍ୟଧିକ ଉତ୍ତାପର ମୁକାବିଲା କରିବାରେ ଏତେ ସଂଘର୍ଷ କରୁଛି, ତେବେ ସୀମିତ ସମ୍ବଳ ଥିବା ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଅବସ୍ଥା କଣ ହେବ ତାହା ସହଜରେ ଅନୁମେୟ । ଐତିହାସିକ ଭାବରେ, ବିକଶିତ ଦେଶଗୁଡ଼ିକ ଶିଳ୍ପ ବିପ୍ଳବ ପରଠାରୁ ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ କରିଛନ୍ତି, ଯାହାର ଫଳସ୍ୱରୂପ ଆଜିର ଜଳବାୟୁ ସଙ୍କଟ ଉପୁଜିଛି । କିନ୍ତୁ ଏହାର ସବୁଠାରୁ ଭୟଙ୍କର ପରିଣାମ ବିକାଶଶୀଳ ଦେଶଗୁଡ଼ିକୁ ଭୋଗିବାକୁ ପଡୁଛି । ଅଧିକାଂଶ ୟୁରୋପୀୟ ଦେଶ ନେଟ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନଗଣ୍ୟ ସ୍ତରକୁ କମାଇବା ପାଇଁ ପଦକ୍ଷେପ ନେଇଛନ୍ତି ସତ, ତଥାପି ସେମାନଙ୍କର ଅନେକ ଯୋଜନା ସ୍ୱଳ୍ପ-ମିଆଦୀ ଉତ୍ତରଦାୟିତ୍ୱ କ୍ଷେତ୍ରରେ ଅସ୍ପଷ୍ଟ ଥିବାରୁ ସମାଲୋଚିତ ହୋଇଛି । ବିଶ୍ୱ ତାପନ ପ୍ରଶମନରେ ବିଳମ୍ବ ସମଗ୍ର ବିଶ୍ୱ ଉପରେ ଏକ ବଡ଼ ବୋଝ ଲଦିଦେଉଛି ଏବଂ ଏହା କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏକ ଜଳବାୟୁ ନ୍ୟାୟର ପ୍ରସଙ୍ଗ ପାଲଟିଛି ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ଅର୍ଥବ୍ୟବସ୍ଥା ବା କ୍ଲାଇମେଟ୍ ଫାଇନାନ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ୨୦୦୯ ମସିହାରେ କୋପେନହେଗେନ୍ ଠାରେ ଅନୁଷ୍ଠିତ ଜଳବାୟୁ ସମ୍ମିଳନୀରେ ବିକଶିତ ଦେଶଗୁଡ଼ିକ ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ବାର୍ଷିକ ୧୦୦ ବିଲିୟନ୍ ଡଲାର୍ ପ୍ରଦାନ କରିବେ । ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ୍ ଆଣ୍ଡ ଡେଭେଲପମେଣ୍ଟ (OECD) ର ତଥ୍ୟ ଅନୁଯାୟୀ, ଏହି ଲକ୍ଷ୍ୟ ଦୁଇ ବର୍ଷ ବିଳମ୍ବରେ, ଅର୍ଥାତ୍ ୨୦୨୨ ମସିହାରେ ହାସଲ ହୋଇଥିଲା, ଯେଉଁଥିରେ ପ୍ରାୟ ୧୧୫.୯ ବିଲିୟନ୍ ଡଲାର୍ ସଂଗ୍ରହ କରାଯାଇଥିଲା । ୟୁରୋପୀୟ ୟୁନିଅନ୍ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୨୪ ମସିହାରେ ଜଳବାୟୁ ପାଣ୍ଠି ଭାବରେ ପ୍ରାୟ ୩୧.୭ ବିଲିୟନ୍ ୟୁରୋ (ପାଖାପାଖି ୩୪.୩ ବିଲିୟନ୍ ଡଲାର) ଯୋଗାଇ ଦେଇଛନ୍ତି । ତଥାପି, ଏହି ପାଣ୍ଠିର ଗୁଣବତ୍ତା ଏବଂ ବଣ୍ଟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଦାନ କରାଯାଉଥିବା ଅର୍ଥର ଏକ ବଡ଼ ଅଂଶ ଅନୁଦାନ ବା ଗ୍ରାଣ୍ଟ ପରିବର୍ତ୍ତେ ଋଣ ଆକାରରେ ଦିଆଯାଉଛି । ଏହା ଫଳରେ ଗରିବ ଦେଶଗୁଡ଼ିକ ଉପରେ ଋଣର ବୋଝ ବଢ଼ିବାରେ ଲାଗିଛି । ଏହାବ୍ୟତୀତ, ଅଧିକାଂଶ ଅର୍ଥ ପ୍ରଶମନ ବା କାର୍ବନ କମାଇବା ପ୍ରକଳ୍ପରେ ଖର୍ଚ୍ଚ ହେଉଥିବା ବେଳେ ଅନୁକୂଳନ ପାଇଁ ଆବଶ୍ୟକ ଥିବା ପାଣ୍ଠି ଯଥେଷ୍ଟ ନୁହେଁ । ଆଗାମୀ ଦିନରେ ନୂତନ ସାମୂହିକ ପରିମାଣାତ୍ମକ ଲକ୍ଷ୍ୟ (NCQG) ଧାର୍ଯ୍ୟ କରାଯିବାକୁ ଥିବା ବେଳେ ବିକଶିତ ଦେଶଗୁଡ଼ିକୁ କେବଳ ଆର୍ଥିକ ଲକ୍ଷ୍ୟ ପୂରଣ କରିବାକୁ ପଡ଼ିବ ନାହିଁ, ବରଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ କ୍ଷମତା ବିକାଶ କ୍ଷେତ୍ରରେ ମଧ୍ୟ ସହଯୋଗ କରିବାକୁ ପଡ଼ିବ ।

ୟୁରୋପର ସାମ୍ପ୍ରତିକ ଉତ୍ତାପ ସଙ୍କଟ ଏହାର ନୀତି ନିର୍ଦ୍ଧାରକମାନଙ୍କୁ ଏକ ସ୍ପଷ୍ଟ ଚେତାବନୀ ଦେବା ଉଚିତ୍ ଯେ ପ୍ରତ୍ୟେକ ଅପୂରଣୀୟ ଜଳବାୟୁ ପ୍ରତିଶ୍ରୁତି ଭବିଷ୍ୟତର ଗ୍ରୀଷ୍ମ ପ୍ରବାହକୁ ଆହୁରି ବିପଜ୍ଜନକ କରିଥାଏ । ପରିବେଶର ସନ୍ତୁଳନ ରକ୍ଷା କରିବା କୌଣସି ଗୋଟିଏ ଦେଶ ବା ମହାଦେଶର ଦାୟିତ୍ୱ ନୁହେଁ, ବରଂ ଏହା ସମଗ୍ର ମାନବ ଜାତିର ସାମୂହିକ କର୍ତ୍ତବ୍ୟ । ୟୁରୋପରେ ତରଳୁଥିବା ଗ୍ଲେସିୟର, ଶୁଖିଯାଉଥିବା ନଦୀ, ବ୍ୟାପୁଥିବା ଜଙ୍ଗଲ ନିଆଁ ଏବଂ ଉତ୍ତାପ ଜନିତ ହଜାର ହଜାର ମୃତ୍ୟୁ ପ୍ରମାଣ କରୁଛି ଯେ ପ୍ରକୃତି ସହ ଖେଳିବାର ପରିଣାମ କେତେ ଭୟଙ୍କର ହୋଇପାରେ । ଯଦି ଆମେ ଏବେ ବି ସଚେତନ ନହେବା ଏବଂ କେବଳ ଖାଲି ପ୍ରତିଶ୍ରୁତିରେ ସମୟ ନଷ୍ଟ କରିବା, ତେବେ ଆଗାମୀ ପିଢ଼ି ପାଇଁ ଏହି ପୃଥିବୀ ବାସଯୋଗ୍ୟ ହୋଇ ରହିବ ନାହିଁ । ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଉଚ୍ଚାଭିଳାଷୀ ପଦକ୍ଷେପ ଗ୍ରହଣ କରିବା ଯେତିକି ଜରୁରୀ, ବିକାଶଶୀଳ ଦେଶଗୁଡ଼ିକ ପ୍ରତି ୟୁରୋପ ନିଜର ଆର୍ଥିକ ଏବଂ ବୈଷୟିକ ପ୍ରତିଶ୍ରୁତି ପୂରଣ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ, ବିଶ୍ୱ ସମୁଦାୟ, ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ ନିଜର ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ ଲଢ଼େଇ ଆରମ୍ଭ କରିବା ନିତାନ୍ତ ଆବଶ୍ୟକ ।

# ପଲ୍ଲୀ ମୂଳକର ପଲ୍ଲୀକବି ନନ୍ଦକିଶୋର

## ଡ଼ଃ. ଅରୁନ୍ଧତୀ ଦେବୀ



'ବିଲ କାମ ସାରି ଗୀତ ଗାଇ ଗାଇ.., ବାହୁଡ଼ଇ ଚଷା ଘରେ..., ପୋଡପିଠା ମୁଢ଼ି ଖାଇ ମହାସୁଖେ ବସିବ ଚୁଲି ମୁଣ୍ଡରେ...। ଅଥବା ଡାମରା କାଉରେ ଡାମରା କାଉ ଉଚ୍ଚ ପରବତେ ବୋବାଉଥାଉ, ଉଚ୍ଚ ପରବତ ଘୁଞ୍ଚି ଘୁଞ୍ଚିକା ତହିଁରେ ବସିଛି ତିନି ମଞ୍ଜିକା...। ଅଥବା ମେଘ ବରଷଇ ଟପର ଟପର କେଶୁର ମାଇଲା ଗଜ, କୋଉ ରାଇଜରେ ରହିଲେ ମୋ ରଜା, ତେଲିଙ୍ଗି ବାଇଦ ବଜା...।' ଭଳି ଅଭୁଲା ପଦ୍ୟ ମନରେ ଯେଉଁ ଆବେଗ ସୃଷ୍ଟି କରେ, ତାର ପଟାନ୍ତର ନାହିଁ। ଆମ ରାଜ୍ୟର ପାଣି-ପବନ, ଗ୍ରାମ୍ୟ ଜୀବନ ଆଦିକୁ ଏଭଳି ସରଳ ଭାଷା ଓ ଛନ୍ଦରେ ରୂପାୟିତ କରିଯାଇଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତା ଗୁଡ଼ିକରେ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଅପୂର୍ବ ବର୍ଣ୍ଣନା ଦେଖିବାକୁ ମିଳେ। ତାଙ୍କ ପଦ୍ୟଗୁଡ଼ିକର ମୂଲ୍ୟାୟନ କରି ବ୍ୟାସକବି ଫକୀରମୋହନ ଲେଖିଥିଲେ - 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା, କେହି କେବେ କହିନାହିଁ ଏ ପ୍ରକାର କଥା।' ନନ୍ଦକିଶୋରଙ୍କୁ ପଲ୍ଲୀକବି ଉପାଧି ଜଣେ କେହି ଦେଇନାହିଁ; ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ। ଏହା ହିଁ ତାଙ୍କ ସାରସ୍ୱତ ପ୍ରତିଭାର ବିଶେଷତ୍ୱ।

ପଲ୍ଲୀକବି ତାଙ୍କ କାଳଜୟୀ ସୃଷ୍ଟିରେ ସମସ୍ତ ଦିଗର ନବ ଉନ୍ମେଷ କରିଛନ୍ତି। ଧର୍ମ ସମ୍ପର୍କରେ ସେ ଲେଖିଛନ୍ତି - 'ସତବର୍ଷ ଯଜ୍ଞ ପ୍ରତିମା ପୂଜାରେ, ଯେ ଧର୍ମ ନୁହେଁ ସଞ୍ଚିତ। କାହାପ୍ରତି କେବେ କୁପିତ ନୋହିଲେ ହୁଏ ସେ ପୁଣ୍ୟ ଅର୍ଜିତ।' କର୍ମ ସମ୍ପର୍କରେ ସେ ଲେଖିଛନ୍ତି - 'ଏ ଜଗତ ସର୍ବ କର୍ମର ଆୟତ୍ତ, କର୍ମ ସୁଖ ଦୁଃଖ ହେତୁ, କର୍ମ କରେ ସ୍ୱର୍ଗ ନରକ ରଚନା, ଭୋଗ ଜାତ କର୍ମ କ୍ଷେତୁ।' ସେହିପରି କ୍ଷମା ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି - 'ରାଜଦଣ୍ଡ ସିନା ଉପୁଜାଏ ଭୀତି, କ୍ଷମା ଭକତି କାରଣ କ୍ଷମାମୟ ହରି ଅନନ୍ତ ସଂସାରେ ପାଳନ୍ତି ବିଶ୍ୱ ଭୁବନ'। ସତ୍ୟ ସମ୍ପର୍କରେ ଲେଖିଛନ୍ତି - 'ସତ୍ୟସମ କଟୁ ବଚନ କାହିଁ? ମିଥ୍ୟା ଠାରୁ ଚିର ମଧୁର କାହିଁ?' ଭାଗ୍ୟ ସମ୍ପର୍କରେ ତାଙ୍କ ରଚନାଟି ହେଉଛି -'ଦୁଃଖ ସୁଖ ମିଶାମିଶି ଏ ବିଶ୍ୱ ସଂସାରେ, କିଏ କେଉଁଠାରେ ବେଶି ଭାଗ୍ୟ ଅନୁସାରେ।' ଜୀବନର ପ୍ରତିଟି କ୍ଷେତ୍ରକୁ ଅତି ନିଖୁଣ ଭାବରେ ସେ କଲମ ମୁନରେ ତରଙ୍ଗ ସୃଷ୍ଟି କରିଥିଲେ। କର୍ତ୍ତବ୍ୟ ସମ୍ପର୍କରେ ସେ ଲେଖିଛନ୍ତି - 'ଦୁଃଖ ସୁଖ ମଧ୍ୟରେ କର୍ତ୍ତବ୍ୟ କର୍ମ, ସାଧିବା ମାନିବାର ଶାଶ୍ୱତ ଧର୍ମ।' ପରୋପକାର ସମ୍ପର୍କରେ ସେ ଲେଖିଛନ୍ତି - 'ନିଜ ସୁଖ ସର୍ବେ ଲୋଡ଼ନ୍ତିଭବେ, ପରନେତ୍ରେ ଧୂଳି ଦିଅନ୍ତି ଲଭେ।' ତାଙ୍କ ରଚନାରେ ପ୍ରେମ ଓ ପ୍ରୀତି ଅତି ଚମତ୍କାର ଭାବେ ବର୍ଣ୍ଣନା ହୋଇଛି - ସେ ଲେଖିଛନ୍ତି - 'ସଂସାରର ପ୍ରେମ ଆବିଳ ଭାଇ, ନିର୍ମଳ ପ୍ରେମ ଏ ସଂସାର ନାହିଁ।' ପିତାମାତା ଓ ପରିବାର ସମ୍ପର୍କରେ ତାଙ୍କ କାଳଜୟୀ ଧାଡ଼ିଟି ହେଉଛି - 'ମାତୃ ସ୍ନେହ ସମ କି ଅଛି ସଂସାରେ, ଅଟେ ତା ସରଗ ସୁଧା। ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର ପାନେ ନ ମେଣ୍ଟଇ କ୍ଷୁଧା।' ନିନ୍ଦା ଓ ପ୍ରଶଂସା ବିଷୟରେ ତାଙ୍କ କାଳଜୟୀ ପଂକ୍ତିଟି ହେଉଛି - 'ପ୍ରଶଂସିତ ଆଜି ଯାହା ଜନସାଧାରଣ, କରନ୍ତି ତାହାଠାରେ କାଲି ଦୋଷ ଆରୋପଣ।' କବି ଓ କାବ୍ୟ ସମ୍ପର୍କରେ ତାଙ୍କ ରଚନାଟି ହେଉଛି - 'ଏ ଜଗତେ ସଦା ବୀଣାପାଣି ଭକ୍ତଗଣ, ଦରିଦ୍ରତା ଅନାଦରେ ଯାପି ବେ ଜୀବନ। ଏହି ଆଜ୍ଞା କବି ଭାଲେ ହୋଇଛି ଲିଖିତ ସର୍ବକବି ଜୀବନରେ ଏହା ପ୍ରମାଣିତ।'

ମାହାଙ୍ଗା ଅନ୍ତର୍ଗତ କୁସୁପୁରରେ ଜନ୍ମିତ ନନ୍ଦକିଶୋରଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ ରସାନନ୍ଦ ଜେନା ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ନାମ ବଦଳି ହୋଇଥିଲା ନନ୍ଦକିଶୋର ବଳ। ବାଲ୍ୟ ଜୀବନ କଟିଥିଲା କୁସୁପୁରରେ। ଗାଁ ସ୍କୁଲରୁ କଟକର ଟାଉନ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ, କେନ୍ଦ୍ରାପଡ଼ା ଉଚ୍ଚ ଇଂରେଜୀ ବିଦ୍ୟାଳୟ ଓ ରାଭେନ୍ସା କଲେଜ। କଲେଜରେ ପଢ଼ୁଥିବା ବେଳେ ସେ ପ୍ରଥମେ ପ୍ରବନ୍ଧ ଲିଖନ ପ୍ରତି ଆଗ୍ରହୀ ହୋଇଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ପରେ କବିତା ରୂପ ଦେଇଥିଲେ ଏବଂ ସେଇଟି ହେଉଛି ପଲ୍ଲୀ ଚିତ୍ର। ନିର୍ଝରିଣୀ, ଚାରୁଚିତ୍ର, ବସନ୍ତ କୋକିଳ, ତରଙ୍ଗିଣୀ, ଜନ୍ମଭୂମି, ନିର୍ମାଲ୍ୟ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ତାଙ୍କ ଦ୍ୱାରା ଲିଖିତ ଏକମାତ୍ର ଉପନ୍ୟାସ କନକଲତା ମଧ୍ୟ ପଲ୍ଲୀଭିତ୍ତିକ। ଏହି ଉପନ୍ୟାସ ସଂପର୍କରେ ଆଧୁନିକ ଯୁଗର ବିଶିଷ୍ଟ ଓଡ଼ିଆ କବି ଡ.ମାୟାଧର ମାନସିଂହ ମତ ଦେଇଥିଲେ। ଉପନ୍ୟାନସଟି ପଲ୍ଲୀ ଜୀବନର ଓ ପଲ୍ଲୀ ପ୍ରକୃତିର ସୌରଭ ବିତରଣ କରେ। କଟକରେ ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ସ୍ଥାପିତ ଟାଉନ୍ ସ୍କୁଲର ଶିକ୍ଷକ ଭାବେ ନନ୍ଦକିଶୋରଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। କିଛି କାଳ ଶିକ୍ଷକତା କଲା ପରେ ସେ ସ୍କୁଲ ସବ୍‌ଇନ୍‌ସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ବାରମ୍ବାର ଗସ୍ତ, ବଦଳି ଯୋଗୁଁ କ୍ରମେ ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିଲା। ଏହି କାରଣରୁ ସ୍ୱେଚ୍ଛାକୃତ ଅବସର ନେଇ ଫେରିଥିଲେ ଗାଁକୁ। ଇଚ୍ଛା ଥିଲା ଅବଶିଷ୍ଟ ଜୀବନ ଗ୍ରାମରେ କଟାଇବେ। ତାହା ହେଲା ନାହିଁ। ଚିକିତ୍ସା ପାଇଁ କଟକ ଆସିଥିଲେ। ଚିକିତ୍ସିତ ହେଉଥିବାବେଳେ ମାତ୍ର ବାଉନ ବର୍ଷ ବୟସରେ ୧୯୨୮ ଜୁଲାଇ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା।



+ନିର୍ଦ୍ଦେଶିକା - ସମ୍ପାଦିକା,
ଆଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

# ସର୍ବେ ସନ୍ତୁଃ ନିରାମୟା

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ଭାରତରେ ଜୁଲାଇ ପହିଲା ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଜାତୀୟ ଚିକିତ୍ସକ ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷର ବାର୍ତ୍ତା ରହିଛି - 'ବିହାଇଣ୍ଡ ଦ ମାକ୍ସ : ହୁ ହିଲ୍ସ ଦ ହିଲରସ୍'। ୧୮୮୨ ମସିହା ଜୁଲାଇ ପହିଲା ତାରିଖରେ ସ୍ୱନାମଧନ୍ୟ ଚିକିତ୍ସକ, ସ୍ୱାଧୀନତା ସଂଗ୍ରାମୀ, ରାଜନେତା ବଙ୍ଗଳାର ପ୍ରଧାନ ମନ୍ତ୍ରୀ ଭାରତ ରତ୍ନ ବିଧାନ ଚନ୍ଦ୍ର ରାୟ ଜନ୍ମ ଗ୍ରହଣ କରିଥିଲେ ଓ ଅଶୀବର୍ଷ ବୟସରେ ୧୯୬୨ ମସିହା ଜୁଲାଇ ପହିଲା ଦିନ ଇହଲୀଳା ସମ୍ବରଣ କରିଥିଲେ । ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ଭାରତରେ ଅସଂଖ୍ୟ ଚିକିତ୍ସକ ଥିବାବେଳେ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କୁ ସର୍ବଶ୍ରେଷ୍ଠ ଚିକିତ୍ସକର ମାନ୍ୟତା ଦିଆଯାଇ ତାଙ୍କରି ନାମରେ ଜାତୀୟ ଚିକିତ୍ସକ ଦିବସକୁ ସଂଶ୍ଳିଷ୍ଟ କରିବାର ତାତ୍ପର୍ଯ୍ୟ ଜାଣିବା ପାଇଁ ତାଙ୍କ ଜୀବନୀ ଓ ଆଦର୍ଶ ସମ୍ବନ୍ଧରେ ଜାଣିବା ଆବଶ୍ୟକ ।

ବିଧାନ ଚନ୍ଦ୍ର ରାୟ ବିହାରର ପାଟଣାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପ୍ରକାଶ ଚନ୍ଦ୍ର ରାୟ । ବିଧାନ ଚନ୍ଦ୍ର କଲିକତାର ପ୍ରେସିଡେନ୍ସି କଲେଜରୁ ଆଇ.ଏ. ପାଶ କରିଥିଲେ ଓ ପାଟଣା କଲେଜରୁ ବି.ଏ. ପାଶ କରିଥିଲେ । ସେ କଲିକତା ମେଡ଼ିକାଲ କଲେଜରେ ୧୯୦୧ରେ ମେଡ଼ିକାଲ ଛାତ୍ର ରୂପେ ଯୋଗ ଦେଲେ। ପରୀକ୍ଷାରେ ଖୁବ୍ ଭଲ କରି ପାଶ କଲାପରେ ସେ ଖଡ଼ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସେବା ଚିକିତ୍ସାଳୟରେ ଚିକିତ୍ସକ ରୂପେ ଯୋଗଦେଲେ । ସେ ରୋଗୀ ମାନଙ୍କୁ ଔଷଧ ଦେଇ ଚିକିତ୍ସା କରିବା ସହିତ ସେବା ମଧ୍ୟ ଯୋଗାଇ ଦେଉଥିଲେ । ସେଥିପାଇଁ ସେ ରୋଗୀମାନଙ୍କର ପ୍ରିୟ ପାତ୍ର ହୋଇଥିଲେ । ସେ ୧୯୦୯ ମସିହା ଫେବୃଆରୀ ମାସରେ ବିଶେଷ ଶିକ୍ଷା ଲାଭ କରିବା ପାଇଁ ଇଂଲଣ୍ଡ ଗଲେ । ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇ ସେ ମେଡ଼ିକାଲ କଲେଜରେ ଯୋଗ ଦେଲେ। ଦୁଇ ବର୍ଷ ତିନିମାସ ଅଧ୍ୟୟନ କଲାପରେ ସେ ଭେଷଜ ବିଦ୍ୟାର ସର୍ବଶ୍ରେଷ୍ଠ ଉପାଧି ଏମ୍.ଆର.ସି.ପି. ଓ ଅସ୍ତ୍ରୋପଚାରର ସର୍ବଶ୍ରେଷ୍ଠ ଉପାଧି ଏଫ୍.ଆର.ସି.ଏସ୍. ଲାଭ କରି ଭାରତ ଫେରି ଆସିଲେ । ଚିକିତ୍ସା ସେବାକୁ ସେ ଲୋକାଭିମୁଖୀ କରିବା ପାଇଁ କେତେ ଗୁଡ଼ିଏ ଅନୁଷ୍ଠାନ ସ୍ଥାପନ କରିଥିଲେ । ସେ ଗୁଡ଼ିକ ମଧ୍ୟରେ ଯାଦବପୁରର ଯକ୍ଷ୍ମା ରୋଗ ଚିକିତ୍ସାଳୟ, ଚିତ୍ତ ରଞ୍ଜନ ସେବା ସଦନ, କମଳା ନେହେରୁ ଚିକିତ୍ସାଳୟ, ଭିକ୍ଟୋରିଆ ଅନୁଷ୍ଠାନ ଓ ଚିତ୍ତରଞ୍ଜନ କ୍ୟାନସର ଚିକିତ୍ସାଳୟ ମୁଖ୍ୟ ଥିଲା । ୧୯୪୨ରେ ସେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ରେଙ୍ଗୁନ୍‌ରେ ଜାପାନି ମାନଙ୍କର ବୋମା ମାଡ଼ର ପ୍ରଭାବ କଲିକତା ଉପରେ ପଡ଼ିଥିଲା । ଡାକ୍ତର ବିଧାନ ଚନ୍ଦ୍ର ରାୟ ସ୍କୁଲ କଲେଜର ଛାତ୍ର, ଶିକ୍ଷକ ଓ ସାଧାରଣ ଲୋକଙ୍କୁ ଉଡାଜାହାଜ ଆକ୍ରମଣରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ କରିଥିଲେ । ତାଙ୍କୁ ୧୯୪୪ରେ ଡକ୍ଟରେଟ୍ ଅଫ୍ ସାଇନ୍ସ ଉପାଧି ପ୍ରଦାନ କରାଯାଇଥିଲା ।

ଭାରତ ଛାଡ଼ ଆନ୍ଦୋଳନ ବେଳେ ଗାନ୍ଧିଜୀଙ୍କ ଅନଶନ ସମୟର ତାଙ୍କୁ ଚିକିତ୍ସା କରି ଡାକ୍ତର ରାୟ ଗାନ୍ଧିଜୀଙ୍କର ପ୍ରିୟପାତ୍ର ହୋଇଥିଲେ । ଗାନ୍ଧିଜୀ ଡାକ୍ତର ରାୟଙ୍କର ଗୋଟିଏ ଉତ୍ତରରେ ଖୁସି ହୋଇଯାଇଥିଲେ । ମହାତ୍ମାଗାନ୍ଧି ଔଷଧ ଖାଇବାକୁ ମନାକରି କହିଲେ ତମେ ଭାରତର ଚାଳିଶ କୋଟି ଜନତାଙ୍କୁ ଔଷଧ ଦେଇ ଆରୋଗ୍ୟ କରି ପାରିବ ? ଡା.ରାୟ କହିଲେ ଚାଳିଶ କୋଟି ଜନତାଙ୍କ ପାଇଁ ଚିନ୍ତିତ ଆପଣଙ୍କ ପରି ଜଣେ ବ୍ୟକ୍ତି ସୁସ୍ଥ ହେଲେ ସମସ୍ତଙ୍କର ଉପକାର ହେବ । ଡାକ୍ତର ବିଧାନ ଚନ୍ଦ୍ର ରାୟ ୧୯୨୫ରେ ରାଜନୀତିରେ ପ୍ରବେଶ କରି ୧୯୨୮ରେ ସର୍ବଭାରତୀୟ କଂଗ୍ରେସ କମିଟିର ସଭ୍ୟ ହେଲେ । ୧୯୩୦ରେ ବ୍ରିଟିଶ ସରକାର ତାଙ୍କୁ ଆଲିପୁର ଜେଲରେ ବନ୍ଦୀ ଭାବେ ରଖିଥିଲେ। କଲିକତା କର୍ପୋରେସନ୍‌ର ସେ ମେୟର ଥିଲେ । ସେ ୧୯୪୮ରୁ ୧୯୬୨ରେ ଶେଷ ନିଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସର ନେତା ରୂପେ ବେଙ୍ଗଲର ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ । ୧୯୬୧ ମସିହା ଫେବୃଆରୀ ୪ ତାରିଖ ଦିନ ତାଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରାଯାଇଥିଲା । ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ପରି ଜଣେ ସୁଯୋଗ୍ୟ ଚିକିତ୍ସକଙ୍କୁ ସମ୍ମାନିତ କରିବା ପାଇଁ ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରିବାର ତାତ୍ପର୍ଯ୍ୟ ରହିଛି। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିବା ପରେ ସତ୍‌ସଙ୍ଗର ଭାବଧାରା ଓ ମହାନତା ତାଙ୍କୁ ବିଶେଷ ଭାବରେ ଆକର୍ଷଣ କରିଥିଲା। ଶାରୀରିକ, ମାନସିକ ଓ ଆଧାତ୍ମିକ ସଦାଚାର ଉପରେ ମନୁଷ୍ୟ ଜୀବନର ସର୍ବୋତ୍ତମ ବିକାଶ ନିମିତ୍ତ ସେ ସଦାସର୍ବଦା ଜାଗ୍ରତ ରହୁଥିଲେ। ଜାତୀୟ ଚିକିତ୍ସକ ଦିବସର ବାର୍ତ୍ତା ହେଉଛି 'ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡାଇ ଚାଲିବ କରିବ ବ୍ୟାଧିର ଜୟ' - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ମହାନ ବାଣୀକୁ ସେ ନିଜ ଜୀବନରେ ଚରିତ୍ରାୟିତ କରିଥିଲେ। 'ଆଲ୍ଲାମାନେ ଅଲ୍-ଲା - ସମସ୍ତଙ୍କୁ ଯେ ଗ୍ରହଣ କରନ୍ତି, ପ୍ରେମର ସ୍ୱଭାବ ହିଁ ହେଲା ସମସ୍ତଙ୍କୁ ଆପଣାର କରିନେବା। କୃଷ୍ଣ ମାନେ ଯିଏ ଆକର୍ଷଣ କରନ୍ତି। ତେଣୁ କୃଷ୍ଣ ଓ ରସୁଲର ଅର୍ଥ ଏକ। ବାଇବେଲରେ ପ୍ରଭୁ ଯୀଶୁ କହିଛନ୍ତି - ମୁଁ ହିଁ ପଥ, ମୁଁ ହିଁ ସତ୍ୟ ଓ ମୁଁ ହିଁ ଜୀବନ', ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ସର୍ବଧର୍ମ ସମନ୍ୱୟକାରୀ ବାଣୀକୁ ସ୍ୱର୍ଗତଃ ରାୟ ଭଲ ଭାବେ ହୃଦୟଙ୍ଗମ କରିଥିଲେ। ସ୍ୱର୍ଗତଃ ରାୟଙ୍କ ଦେହାବସାନ ପରେ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏଗାର ଦିନ ଅଶୌଚ ପାଳନ କରିଥିଲେ। 'ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ' ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ଚିନ୍ତାଧାରାକୁ ସ୍ୱର୍ଗତଃ ଡକ୍ଟର ରାୟ ଚିକିତ୍ସକ ଦିବସର ବାର୍ତ୍ତା ଭାବରେ ଗ୍ରହଣ କରିଥିଲେ। ଚିକିତ୍ସକ ରୂପେ ଡାକ୍ତର ରାୟଙ୍କର ଖୁବ୍ ସୁନାମ ଥିଲା। ତାଙ୍କ ବ୍ୟବହାର, ସେବା ମନୋଭାବ ଓ ରୋଗୀ ଚିକିତ୍ସାର ପାରଦର୍ଶିତା ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ମୁଖ୍ୟମନ୍ତ୍ରୀ ରୂପେ ୧୪ବର୍ଷ କାର୍ଯ୍ୟ କରି ସେ ଖୁବ୍ ସୁନାମ ଅର୍ଜନ କରିଥିଲେ । ଜଣେ ଉତ୍ତମ ଚିକିତ୍ସକ, ଜଣେ ଗୁରୁଗତ ପ୍ରାଣ, ଜାତୀୟ କଂଗ୍ରେସର ତୁଙ୍ଗନେତା ଓ ସୁଶାସକ ରୂପେ ସେ ଭାରତର ସମସ୍ତ ଚିକିତ୍ସକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ତାଙ୍କରି ନାମରେ ଜାତୀୟ ଚିକିତ୍ସକ ଦିବସ ପାଳିତ ହେଉଥିବାରୁ ସବୁ ଚିକିତ୍ସକ ଗର୍ବିତ ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ : ୯୪୩୭୦୫୧୯୫୭

କବିତା କୋଣାର୍କ

## ବାପାଙ୍କ ସାଇକେଲ

### ଡ. ଶୁଭେନ୍ଦୁ ମେହେର

ଘର କୋଣରେ ଏବେ ବି
କଳଙ୍କି ଲାଗି ଠିଆ ହୋଇଛି
ସେ' ସାଇକେଲ !
ପୁରୁଣା ଲୁହା... ବଙ୍କା
ହେଣ୍ଡେଲ... କଳଙ୍କି ଚେନ !
ତା' ଚକରେ ଏବେ ହାୱା ନାହିଁ,
ହେଲେ ମୋ' ଆଖିରେ ପାଣି ଅଛି ।
ତା' ମଝି ଲୁହା ଖଣ୍ଡକରେ
ବାପାଙ୍କ ମେରୁଦଣ୍ଡର ଛାପ,
ଯେଉଁ ମେରୁଦଣ୍ଡ ବଙ୍କା ହୋଇ ହୋଇ
ଆମକୁ ସିଧା କରିଥିଲା ।
ବାପାଙ୍କ ସାଇକେଲ
ମୁଁ ଦେଖିଲା ଦିନରୁ କେବେ
ନୂଆ ନ ଥିଲା !
ସବୁବେଳେ ପୁରୁଣା,
ସବୁବେଳେ ଥକ୍କା,
ସବୁବେଳେ କଷ୍ଟରେ ଚାଲୁଥିଲା,
ଠିକ୍ ବାପାଙ୍କ ପରି ।
ତା' ବ୍ରେକ୍ ଢିଲା ଥିଲା,
ହେଲେ ବାପାଙ୍କ ଧୈର୍ଯ୍ୟ କେବେ ଢିଲା
ହୋଇ ନ ଥିଲା !
ତା' ପେଡ଼ାଲ ଖସି ପଡୁଥିଲା,
ହେଲେ ବାପାଙ୍କ ସ୍ୱପ୍ନ କେବେ
ଖସି ପଡ଼ି ନ ଥିଲା !!
ପ୍ରତି ସକାଳେ
ସେଇ ଭଙ୍ଗା ସାଇକେଲରେ
ନିଜ ଦେହକୁ ଭାଙ୍ଗିବାକୁ ଯାଉଥିଲେ,
ଯେମିତି ଆମ ଘର ନ ଭାଙ୍ଗେ ।
ଆମେ ଜ୍ୱରରେ ପଡ଼ିଲେ....
ବାପା ଅଧା ରାତିରେ,
ସେଇ ସାଇକେଲରେ ଡାକ୍ତର
ଖୋଜି ଆଣନ୍ତି !
ଫେରିଲା ବେଳକୁ ତାଙ୍କ ଦେହ
ଝାଳରେ ନୁହେଁ........ରକ୍ତରେ
ଭିଜି ସାରିଥାଏ । ଥାପି...
ହାତରେ ଔଷଧ ଥାଏ,
ଆଉ ଓଠରେ ହସ,
ସେ'ଦିନ ବୁଝିଥିଲି,
କିଛି ଯନ୍ତ୍ରଣା ଶବ୍ଦ କରେ ନାହିଁ,
ସେ' ଖାଲି ପେଡ଼ାଲ ମାରି ଚାଲେ ।
ଆଜି ବାପାଙ୍କ ଦେହ
ସେଇ ସାଇକେଲ ପରି....
ସବୁଠି କଳଙ୍କୀ !
ସବୁଠି ଦାଗ !!
ସବୁଠି ଥକାପଣ !!!
ସେ' ଆଉ ଚଳାନ୍ତି ନାହିଁ,
ହେଲେ ପ୍ରତିଦିନ ତାକୁ ଛୁଇଁ ଦେଖନ୍ତି,
ଯେମିତି ନିଜ ଜୀବନର
ହିସାବ ନେଉଛନ୍ତି ।
କେତେ ଥର ଖସି ପଡିଛନ୍ତି,
କେତେ ଥର ଉଠିଛନ୍ତି,
କେତେ ରାତି ଭୋକରେ ଶୋଇଛନ୍ତି,
ସେ' ହିସାବ.....
ସେଇ ସାଇକେଲର
ବଙ୍କା ରିମରେ ଲେଖା ଅଛି ।
ମୋ' ପାଖରେ ଏବେ ସବୁଅଛି,
ହେଲେ ରାତିରେ ଶୋଇଲେ
ବେଳେବେଳେ ଛାତି ଭିତରେ
ଘଣ୍ଟି ବାଜେ !
ସେଇ ପୁରୁଣା ସାଇକେଲର ଘଣ୍ଟି,
ମୁଁ ଉଠି ବସେ.....କାନ୍ଦି ପକାଏ।
ବାପାଙ୍କ ସାଇକେଲ
କେବଳ ଲୁହା ନୁହେଁ !
ସେ' ହେଉଛି ବାପାଙ୍କର
ଜୀବନର ଯନ୍ତ୍ରଣା,
ଯାହାକୁ ସେ' ପେଡ଼ାଲ ମାରି ମାରି
ହସରେ ବଦଳାଇ ଦେଇଥିଲେ ।
ଆଜି ଯେତେବେଳେ ମୁଁ ଛୁଏଁ,
ମୋ' ହାତରେ କଳଙ୍କୀ ନୁହେଁ,
ବାପାଙ୍କ ଅଧା ରହିଯାଇଥିବା ନିଶ୍ୱାସ
ଲାଗେ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ମୌସୁମୀ ଗୋ

### ଧ୍ରୁବ ଚରଣ ବେହେରା

ମୌସୁମୀ ଗୋ ତୁମେ ଭାରି ଅଭିମାନୀ
ଦୂରେ ଗଲ କାହିଁ ରହି
ତୁମରି ପଥକୁ ଚାହିଁ ଚାହିଁ ପରା
ଗଲିଣି ମୁଁ ଏକା ହୋଇ ।।

ତୁମରି ଶୀତଳ ପ୍ରେମ ଛୁଆଁ ଟିକେ
ପାଇବାକୁ ମନ ବାଇ
ଆସିଲେ ଭିଜିବା ମେଘ ମହ୍ଲାରରେ
ପ୍ରେମ ଗୀତି ଗାଇ ଗାଇ ।।

ଭିଜାଇବ ତୁମେ ମୋର ତନୁ ମନ
ପ୍ରିତୀର ଦେଇ ପରଶ
ଯୌବନ ଜୁଆରେ ଖେଳି ଉନ୍ମାଦନା
ହୃଦୟ ହେବ ହରଷ ।।

ତୁମେ ଯେବେ ଆସି ବରଷି ଦେବ ଗୋ
ପ୍ରେମର କାକର ବିନ୍ଦୁ
ଓଠେ ମୋର ଭରି ଉଠିବ ଚୁମ୍ବନ
ଲାଗିବ ଜୀବନ ସିନ୍ଧୁ ।।

ସେ ନିଆର ସ୍ପର୍ଶେ ହଜିବ ମୋ ସ୍ମୃତି
ପ୍ରେମିକର ପଥ ଚାହିଁ
ଭିଜି ତୁମ ସାଥେ ହେବି ମୁଁ ତାହାର
ଜଳିବ ଯୌବନ ଜୁଇ ।।

ପ୍ରେମାଗ୍ନୀର ମିଠା ଅଧରୁ ଝରିବ
ପ୍ରୀତିର ଅମୃତ ସ୍ରୋତ
ସାଜିବି ମୁଁ ପ୍ରିୟା ପ୍ରେମିକ ପ୍ରଣୟେ
ଥିବ ମୁଖେ ଭରା ଲାଜ ।।

ନୟନ ମୋ ଖାଲି ମୁଦ ଲିଫାପାରେ
ଭରୁ ଥିବ ମାଦକତା
ପ୍ରେମିକର ବାହୁ ବନ୍ଧନରେ ରହି
ତୁଟିବ ହୃଦୟ ବ୍ୟଥା ।।

ଆସ ତୁମେ ମୋର ପ୍ରାଣ ପ୍ରିୟ ସାଥୀ
ମୌସୁମୀ ଗୋ ଅଭିମାନୀ
ତୁମ ପାଇଁ ପରା ମୋ ପ୍ରେମ ଅଗଣା
ହେଉନାହିଁ ଆଉ ତୁନି ।।

ବରଷି ଯାଅ ତୁ ମୋର ଅଭିସାରେ
ମେଘ ଗାଉଥାଉ ଗୀତ
ତୁ' ମୋର ସଦା ଋତୁ ସହଚରୀ
ରତି ଭାବନାର ମିତ ।।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ଘରେ ସହଜରେ ତିଆରି କରନ୍ତୁ ସୁଆଦିଆ ଲାଉ କ୍ଷିରୀ



ସାଧାରଣତଃ ମିଠା ଖାଇବାକୁ ସମସ୍ତଙ୍କୁ ଭଲ ଲାଗିଥାଏ । ହେଲେ ମିଠା ଆମ ଶରୀରର ପାଇଁ ଭଲ ନୁହେଁ ବୋଲି ଆମେ ମିଠା ଖାଇବାରେ ରୋକ୍ ଲଗାଇଥାଉ । ମିଠା କଥା ଆସିଲେ ମାନେ ଆମେ କ୍ଷିରୀ କଥା ମନେ ପକାଇଥାଉ । ଅଧିକାଂଶ ଲୋକମାନଙ୍କୁ କ୍ଷିରୀ ଖାଇବାକୁ ଅଧିକ ଭଲ ଲାଗିଥାଏ । ହେଲେ ଯଦି ଅତ୍ୟଧିକ ମିଠାଯୁକ୍ତ ହୋଇଥାଏ ତେବେ ଏହା ଆମ ଶରୀର ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ । ଯାହା ଶରୀରକୁ ଦୁର୍ବଳ କରିଥଏ । ସୁଆଦିଆ ହେଲେ ମଧ ଦେହ ପାଇଁ ଆଦୌ ଭଲ ହୋଇନଥାଏ । ତେବେ ଆସନ୍ତୁ ଜାଣିବା ଅତି କମ୍ ମିଠାରେ ଲାଉରେ କିପରି କ୍ଷିରୀ କରିବା । ଏହା ସ୍ୱାଦିଷ୍ଟ ଲାଗିବା ସହ ଶରୀରକୁ କୌଣସି କ୍ଷତି ମଧ ପହଞ୍ଚାଇନଥାଏ । ଯଦି ଏହି ଖିର ଚିନି ବିନା, ଗୁଡ଼ କିମ୍ୱା ଖଜୁର ବ୍ୟବହାର କରି ତିଆରି କରାଯାଏ, ତେବେ ଏହା କେବଳ ସ୍ୱାଦିଷ୍ଟ ନୁହେଁ ବରଂ ଅତ୍ୟନ୍ତ ପୁଷ୍ଟିକର ମଧ ହୋଇଯାଏ । ଆସନ୍ତୁ ଜାଣିବା ସେହି ସ୍ୱତନ୍ତ୍ର ରେସିପି ଯାହାର ରେସିପି ବିଷୟରେ ସମସ୍ତେ ଆପଣଙ୍କୁ ପଚାରିବେ। ଗୁଡ଼ କ୍ଷୀରି ପାଇଁ ଏହି ଜିନିଷଗୁଡ଼ିକ ପ୍ରସ୍ତୁତ କରନ୍ତୁ : ପ୍ରଥମେ କଞ୍ଚା ଲାଉ ନିଅନ୍ତୁ । ୧ ଲିଟର ଫୁଲ୍ କ୍ରିମ୍ କ୍ଷୀର ନିଅନ୍ତୁ । ୧ରୁ ୨ କପ୍ ଗୁଡ଼ କିମ୍ୱା ଖଜୁରି ପେଷ୍ଟ , ୧ଚାମଚ ଘିଅ ସହ କାଜୁ , ବାଦାମ ଏବଂ ପିସ୍ତା ନିଅନ୍ତୁ । ତାକୁ ଭଲ ଭାବରେ ଘିଅରେ ଭାଜି ନିଅନ୍ତୁ । ତେବେ ଆସନ୍ତୁ ଜାଣିବା ପ୍ରସ୍ତୁତ ପ୍ରଣାଳୀ - ପ୍ରଥମେ, ଲାଉ ଛଡ଼ାଇ ଛେଚି ଦିଅନ୍ତୁ ଏବଂ ଏହାର ଅତିରିକ୍ତ ପାଣି ଚିପୁଡ଼ି ବାହାର କରିଦିଅନ୍ତୁ । ଏକ ପ୍ୟାନରେ ଘିଅ ଗରମ କରନ୍ତୁ ଏବଂ ଛେଚା ହୋଇଥିବା କଞ୍ଚା ପାତ୍ରକୁ ମଧ୍ୟମ ଆଞ୍ଚରେ ୫ରୁ ୭ ମିନିଟ୍ ପାଇଁ ଭାଜି ଦିଅନ୍ତୁ । ଏପରି ଭାଜନ୍ତୁ ଯେ ଯେପରି କଖାରୁର କଞ୍ଚାପଣ ଦୂର ହୋଇଯିବ । ତା ପରେ ଆଉ ଏକ ପାତ୍ରରେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ । କ୍ଷୀର ଟିକେ ରଙ୍ଗଯୁକ୍ତ ହୋଇଗଲେ ପୂର୍ବରୁ ଭଜା ହୋଇଥିବା ସାମଗ୍ରୀକୁ କ୍ଷୀରରେ ପକାନ୍ତୁ । ଲାଉ ନରମ ହେବା ପର୍ଯ୍ୟନ୍ତ ଏବାକୁ ଭଲ ଭାବେ କମ୍ ଆଞ୍ଚରେ ରାନ୍ଧନ୍ତୁ । ଶେଷରେ କଞ୍ଚା ବାଦାମ , ଖଜୁରୀ ଭଳି ଡ୍ରାଏ ଫୁଡକୁ ଆଡ୍ କରନ୍ତୁ । ଏହା ଚିନି ଭଳି ସ୍ୱାଦ ପ୍ରଦାନ କରିଥାଏ । ପରେ କ୍ଷିରୀ ଉପରେ ଟିକେ ଘିଅ ମଧ ପକାଇପାରନ୍ତି । ଏହା ପରେ କ୍ଷିରୀ ଭଲ ଭାବେ ପ୍ରସ୍ତୁତ ହୋଇଗଲେ ଆଞ୍ଚ ବନ୍ଦ କରିଦିଅନ୍ତୁ । ପରେ ଥଣ୍ଡା ହେବା ପରେ ଏହାକୁ ପ୍ଲେଟରେ ବାଢ଼ି ଏହାର ଅଦ୍ଭୁତ ସ୍ୱାଦ ନିଅନ୍ତୁ । ଯାହା ଆପଣଙ୍କୁ ଏକ ସୁନ୍ଦର ସ୍ୱାଦିଷ୍ଟ ଖାଦ୍ୟର ମହକ ଦେବ । ଏହାକୁ ଥରେ ନିଜେ ଖାଇ ପରିବାରର ଲୋକମାନଙ୍କୁ ପରଷନ୍ତୁ , ଦେଖିବେ ପରିବାରର ଅନ୍ୟ ସଦସ୍ୟମାନେ ମଧ ଆପଣଙ୍କର ଫ୍ୟାନ୍ ହୋଇଯିବେ।

# ଖରାଦିନେ ପିଲାମାନଙ୍କୁ ଏହି ଖାଦ୍ୟ ଦିଅନ୍ତୁ ନାହିଁ : ବଢ଼ିପାରେ ପେଟ ସମସ୍ୟା

ସାଧାରଣତଃ ଖରାଦିନେ ପିଲାମାନଙ୍କ ଶରୀର ଡିହାଇଡ୍ରେଟ୍ ହେବାକୁ ଲାଗିଥାଏ । ଶରୀରରେ ଜଳୀୟ ଅଂଶ କମ ହେବା କାରଣରୁ ଦେହ ଖରାପ ହୋଇଥାଏ । ଖରାପ ଖାଦ୍ୟର ଅଭ୍ୟାସ ହେତୁ ପେଟ ସମସ୍ୟା ଦେଖାଯାଇଥାଏ । ତେଣୁ ପିଲାମାନଙ୍କୁ ଏହି ସବୁ ଖାଦ୍ୟ ଦେବାରୁ ଦୂରେଇ ରୁହନ୍ତୁ । ଗ୍ରୀଷ୍ମଋତୁ ପିଲାମାନଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ସେମାନଙ୍କ ପ୍ରତି ଯଦି ସଠିକ୍ ଧ୍ୟାନ ଦିଆନଯାଏ ତେବେ ପେଟ ସମସ୍ୟା ଅଧିକ ଦେଖାଦେବାର ସମ୍ଭାବନା ରହିଛି । ବାପାମାଆ ମାନେ ଆଜିକାଲି ପିଲାମାନଙ୍କୁ ଏପରି ଖାଦ୍ୟ ଦେଉଛନ୍ତି ଯେ ଯାହା ସେମାନଙ୍କ ଦେହକୁ ଅଧିକ କ୍ଷତି ପହଞ୍ଚାଇଥାଏ । ତେଣୁ ପିଲାମାନଙ୍କୁ ଖାଦ୍ୟ ଦେବା କ୍ଷେତ୍ରରେ ବିଶେଷ ଯତ୍ନବାନ ହୁଅନ୍ତୁ । ତେବେ ଆସନ୍ତୁ ଜାଣିବା ଖରାଦିନେ ପିଲାମାନଙ୍କୁ କେଉଁ ଖାଦ୍ୟ ଦେବାରୁ ଦୂରେଇ ରହିବା ଉଚିତ୍ ।

ଆଇସକ୍ରିମ୍ – ଅଧିକାଂଶ ସମୟରେ ପିଲାମାନଙ୍କୁ ଖରାଦିନେ ଆଇସକ୍ରିମ୍ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । ଯେହେତୁ ଆଇସକ୍ରିମ୍ ପାଟିକୁ ଭଲ ଲାଗିଥାଏ , ପିଲାମାନେ ଖାଇବା ପାଇଁ ଅଧିକ ପସନ୍ଦ କରିଥାନ୍ତି । ଯେହେତୁ ଆଇସକ୍ରିମ ଥଣ୍ଡା ଜାତୀୟ ଜିନିଷ ସେଥିପାଇଁ ସଂକ୍ରମଣ ଅଧିକ ମାତ୍ରାରେ ବଢ଼ିଥାଏ । ତେଣୁ ଖରାଦିନେ ପିଲାମାନଙ୍କୁ ଆଇସକ୍ରିମ୍ ଖାଇବାକୁ ଦେବାରୁ ଦୂରେଇ ରୁହନ୍ତୁ । ଏହା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ ।

ଥଣ୍ଡା ପାନୀୟ ଏବଂ ସୋଡ଼ା – ପିଲାମାନଙ୍କୁ ଥଣ୍ଡା ପାନୀୟ ଏବଂ ସୋଡ଼ା ଦେବାଠାରୁ ଦୂରେଇ ରୁହନ୍ତୁ । ଅଧିକ ଥଣ୍ଡା ଜାତୀୟ ପାନୀୟ ସେବନ କଲେ ଦେହ ଖରାପ ହୋଇଥାଏ । ଏହା ପିଲାମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ବିକଳ୍ପ ହୋଇଥାଏ ।

ତେଲ ଜାତୀୟ ଜିନିଷ – ପିଲାମାନଙ୍କୁ ଭଜା ଚିପ୍ସ ଅର୍ଥାତ୍ ତେଲ ଜାତୀୟ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଯାହା ପେଟର ଗ୍ୟାସ୍ ସମସ୍ୟାକୁ ବୃଦ୍ଧି କରିଥାଏ ।

ଅଧିକ ମସଲା ଜାତୀୟ ଖାଦ୍ୟ – ଅତ୍ୟଧିକ ମସଲା ଜାତୀୟ ଖାଦ୍ୟ ଦେହ ଖରାପର ମୁଖ୍ୟ କାରଣ ହୋଇଥାଏ । ତେଣୁ ପିଲାମାନଙ୍କୁ ଅତ୍ୟଧିକ ମସଲା ଜାତୀୟ ଖାଦ୍ୟ ଦିଅନ୍ତୁ ନାହିଁ । ଯେତେ ସମ୍ଭବ ନିଜ ହାତ ତିଆରି କମ୍ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

ବାସି ଖାଦ୍ୟ – ଯଦି ଖାଦ୍ୟ ଅଧିକ ଲୋଭଯୁକ୍ତ ହୋଇଥାଏ ତେବେ ଆମେ ତାକୁ ରାତିରେ ରଖି ସକାଳେ ଖାଇବା ପାଇଁ ଇଚ୍ଛା ପ୍ରକାଶ କରିଥାଉ । ବାସିଖାଦ୍ୟ ଖାଇବା ଦ୍ୱାରା ପେଟ ବିଷାକ୍ତ ହେବାର ସମ୍ଭାବନା ରହିଥାଏ ।

ପ୍ୟାକେଟ୍ ଜୁସ୍ – ବଜାରରେ ବିକ୍ରି ହେଉଥିବା ପ୍ୟାକେଟ୍ ଜୁସରେ ଫଳର ଜୁସ୍ କମ୍ ମାତ୍ରାରେ ରହିଥାଏ । ତେଣୁ ପିଲାମାନଙ୍କୁ ପ୍ୟାକେଟ୍ ଜୁସ୍ ଆଦୌ ଦିଅନ୍ତୁ ନାହିଁ । ଏହା ପିଲାମାନଙ୍କ ଶରୀରରେ ନକରାତ୍ମକ ପ୍ରଭାବ ପକାଇଥାଏ ।

ଫାଷ୍ଟ ଫୁଡ୍ – ସାଧାରଣତଃ ପିଜା , ବର୍ଗର ଏବଂ ନୁଡୁଲ୍ସ ପିଲାମାନେ ଅଧିକ ପସନ୍ଦ କରିଥାନ୍ତି । ତେଣୁ ଏବି ସବୁ ଜିନିଷ ଖାଇବାକୁ ଅଧିକ ପସନ୍ଦ ମଧ କରନ୍ତି । ଏହି ଖାଦ୍ୟ ପଦାର୍ଥଠାରୁ ପିଲାମାନଙ୍କୁ ଦୂରେଇ ରଖନ୍ତୁ । ଯାହାଦ୍ୱାରା ପିଲାମାନଙ୍କ ଶରୀର ଅଧିକ ସୁସ୍ଥ ରହିବ ।

ଅଧିକ ମିଠା ଜାତୀୟ ଖାଦ୍ୟ – ଅଧିକ ଚକୋଲେଟ୍ ଖାଇବା ଦ୍ୱାରା ଅଧିକ ଅଳସୁଆ ଏବଂ ଜଳୀୟଅଂଶ ହୀନ ହୋଇଥାଆନ୍ତି । ମିଠା ଜାତୀୟ ଖାଦ୍ୟ ଦେବାଠାରୁ ଦୂରେଇ ରୁହନ୍ତୁ । ଏଥିରେ ପିଲାମାନଙ୍କ ଭୋକ ମଧ କମ୍ ହୋଇଥାଏ ।



ପିଲାମାନଙ୍କୁ କଣ ଖାଇବାକୁ ଦେବା ଉଚିତ୍ –

ଖରାଦିନେ ପିଲାଙ୍କୁ ତରଭୂଜ , କାକୁଡ଼ି , ଦହି , ନଡ଼ିଆ ପାଣି , ବଟର ମିଲ୍କ ଦେବା ଭଲ । ଘର ଖାଦ୍ୟ ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ଯେଉଁଥିରେ ତାଙ୍କ ଶରୀର ଅଧିକ ସୁସ୍ଥ ରହିପାରିବ । ଖରା ଗରମରେ ପିଲାଙ୍କୁ ଏହି ସବୁ ଖାଦ୍ୟ ଦେଇ ସୁସ୍ଥ ରହିବା ସହ ନିଜେ ମଧ ସୁସ୍ଥ ରୁହନ୍ତୁ ।

# ପ୍ରତିଦିନ ସଫା କରୁଛନ୍ତି କି କାନ ? ହୋଇପାରେ ବଡ଼ ଅସୁବିଧା

କାନର ମଇଳା ବା 'ଇୟରୱାକ୍ସ'କୁ ଆମେ ସାଧାରଣତଃ ଅଦରକାରୀ ମଇଳା ବୋଲି ଭାବିଥାଉ। ସେଥିପାଇଁ ଅନେକ ଲୋକ ପ୍ରତିଦିନ କିମ୍ୱା ସପ୍ତାହକୁ ଥରେ କଟନ୍ ସ୍ୱାବ୍ ବା ଇୟରବଡ଼ସ୍ ସାହାଯ୍ୟରେ କାନ ସଫା କରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଯେଉଁ ଇୟରୱାକ୍ସକୁ ଆମେ ବାହାର କରିବାକୁ ଚେଷ୍ଟା କରୁଛୁ, ତାହା ପ୍ରକୃତରେ ଆମ କାନର ସୁରକ୍ଷା କବଚ । ଇୟରୱାକ୍ସ କୌଣସି ବାହାର ଅଳିଆ ନୁହେଁ, ବରଂ ଏହା ଶରୀରର ଏକ ପ୍ରାକୃତିକ ନିର୍ଗତ ପଦାର୍ଥ । ଏହା କାନ ଭିତରର ସୂକ୍ଷ୍ମ ଚର୍ମକୁ ମଶ୍ଚରାଇଜ୍ କରିବା ସହ ଧୂଳି, ମଇଳା ଏବଂ ବ୍ୟାକ୍ଟେରିଆକୁ ଭିତରକୁ ଯିବାରୁ ରୋକିଥାଏ । ହାର୍ଭାର୍ଡ ହେଲଥ୍ ପବ୍ଲିଶିଂ ଅନୁଯାୟୀ, ଏହା କାନର ଏକ 'ନ୍ୟାଚୁରାଲ କ୍ଲିନର' ଭାବରେ କାମ କରେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆମେ କଥା କହିବା କିମ୍ୱା ଖାଦ୍ୟ ଚୋବାଇବା ସମୟରେ କାନର ମଇଳା ପ୍ରାକୃତିକ ଭାବରେ ନିଜେ ନିଜେ ବାହାରକୁ ଚାଲିଆସିଥାଏ ।ଆମେରିକାନ୍ ଏକାଡେମୀ ଅଫ୍ ଓଟୋଲାରିଙ୍ଗୋଲୋଜି ଅନୁଯାୟୀ, କାନ ଭିତରେ କୌଣସି ବାହାର ଜିନିଷ ପୁରାଇବା ଅନୁଚିତ୍ । ବରିଷ୍ଠ ଇଏନଟି ବିଶେଷଜ୍ଞ ଡାକ୍ତର ଅମିତ ଶର୍ମା କୁହନ୍ତି, 'ଯେତେବେଳେ ଆମେ ଇୟରବଡ଼ସ୍ ବ୍ୟବହାର କରୁ, ତାହା ମଇଳାକୁ ବାହାର କରିବା ପରିବର୍ତ୍ତେ ଆହୁରି ଭିତରକୁ ଠେଲି ଦିଏ ।



ଏହା ଦ୍ୱାରା କାନର ପରଦା ଫାଟିଯିବାର ଆଶଙ୍କା ଥାଏ ଏବଂ ଶୁଣିବା ଶକ୍ତି ହ୍ରାସ ପାଇପାରେ।' ଲଗାତାର ଇୟରବଡ଼ ବ୍ୟବହାର କରିବା ଦ୍ୱାରା କାନରେ ସଂକ୍ରମଣ ହୋଇପାରେ, ଯାହାକୁ 'ଓଟାଇଟିସ ଏକ୍ସଟର୍ନା' କୁହାଯାଏ । ଏହା ବ୍ୟତୀତ କାନରେ ଫଙ୍ଗଲ୍ ଇନଫେକ୍ସନ ହେବାର ଭୟ ମଧ ରହିଥାଏ ।ଯଦିଓ ଇୟରୱାକ୍ସ ଲାଭଦାୟକ, କିନ୍ତୁ କେତେକ କ୍ଷେତ୍ରରେ ଏହା କାନ ଭିତରେ ଜମା ହୋଇ ରହିଯାଏ, ଯାହାକୁ 'ଇମ୍ପାକସନ' କୁହାଯାଏ । ଏହା ହେଲେ କାନରେ ଯନ୍ତ୍ରଣା, ଭାରୀ ଅନୁଭବ ହେବା, କାନରେ ଘଣ୍ଟି ବାଜିବା ଭଳି ଶବ୍ଦ ଶୁଣାଯିବା କିମ୍ୱା ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦିଏ ।

# ଥାଲାସେମିଆକୁ ରୋକିବ ସଚେତନତା: ବିଶ୍ୱର ୨୫ ପ୍ରତିଶତ ଥାଲାସେମିଆ ରୋଗୀ




ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ଥାଲାସେମିଆ ପୀଡ଼ିତଙ୍କ ସଂଖ୍ୟା ଅଧିକ। ଆକଳନରୁ ଜଣାପଡ଼ିଛି ଯେ, ଆମ ଦେଶରେ ବିଶ୍ୱର ୨୫ ପ୍ରତିଶତ ଥାଲାସେମିଆ ରୋଗୀ ଅଛନ୍ତି ଓ ଏଥିରୁ ପ୍ରାୟ ୫ କୋଟି ଲୋକ ବିଟା ଥାଲାସେମିଆରେ ଆକ୍ରାନ୍ତ। ସେହିପରି ପ୍ରତିବର୍ଷ ଏଠାରେ ୧୦ରୁ ୧୫ ହଜାର ନୂଆ ଥାଲାସେମିଆ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ପଂଜାବ ଓ ଗୁଜରାଟ ଭଳି ରାଜ୍ୟରେ ଅଧିକ ଥାଲାସେମିଆ ପୀଡ଼ିତ ବାହାରୁଛନ୍ତି। ଥାଲାସେମିଆ ମେଜର ରୋଗରେ ପୀଡ଼ିତମାନଙ୍କୁ ଆଜୀବନ ପ୍ରତି ୧୫ରୁ ୨୦ ଦିନ ମଧରେ ରକ୍ତ ପରିବର୍ତ୍ତନ ଓ ଆଇରନ୍ କିଲେସନ୍ ଚିକିତ୍ସା କରାଇବାକୁ ପଡ଼ିଥାଏ। ଏଥିପାଇଁ ବର୍ଷକୁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଥାଲାସେମିଆରୁ ଆରୋଗ୍ୟ ହେବାର ଏକମାତ୍ର ଉପାୟ ହେଉଛି ଅସ୍ଥିମଜ୍ଜା ପ୍ରତିରୋପଣ। ଏହା ଅତ୍ୟନ୍ତ ବ୍ୟୟବହୁଳ ଏବଂ ଦାତାଙ୍କ ଅସ୍ଥିମଜ୍ଜା, ଗ୍ରହୀତାଙ୍କ ଅସ୍ଥିମଜ୍ଜା ସହ ମେଳ ଖାଇବା ମଧ ଜରୁରି। ଥାଲାସେମିଆ ଭଳି ରକ୍ତ ବିକୃତି ଉପଶମ ଲାଗି କେନ୍ଦ୍ର ସରକାର 'ନ୍ୟାସ୍‌ନାଲ୍ ପ୍ରୋଗ୍ରାମ୍ ଫର କଣ୍ଟ୍ରୋଲ୍ ଅଫ୍ ବ୍ଲଡ୍ ଡିଜ୍‌ଅର୍ଡର୍ସ' ଗଠନ କରିଛନ୍ତି। ଏହା ଜନ ସଚେତନତା କାର୍ଯ୍ୟକ୍ରମ, ନିଦାନ ଓ ରକ୍ତ ପରିବର୍ତ୍ତନ ସେବା ପ୍ରଦାନ କରେ। ହେଲେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଏହାଛଡ଼ା, ଗୁଜରାଟ ଭଳି କେତେକ ରାଜ୍ୟ ମଧ ରାଜ୍ୟସ୍ତରୀୟ ଥାଲାସେମିଆ ସ୍କ୍ରିନିଂ କରୁଛନ୍ତି। ଭାରତୀୟ ଗବେଷକମାନେ ଥାଲାସେମିଆ ଉପରେ ଗବେଷଣା ଜାରି ରଖିଛନ୍ତି। ଜେନେଟିକ୍ ସ୍କ୍ରିନିଂ ପଦ୍ଧତି ଓ ଥାଲାସେମିଆ ବାହକ ଚିହ୍ନଟ କରିବାରେ ଏହା କିଭଳି ଫଳପ୍ରଦ ହେଉଛି, ତା' ଉପରେ ମଧ ସେମାନେ ପରୀକ୍ଷା ଚଳାଇଛନ୍ତି। ସେହିପରି କେତେକ ସ୍ଥାନରେ ଥାଲାସେମିଆ ଆକ୍ରାନ୍ତ ପିଲାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଉଛି। ଥାଲାସେମିଆ ପାଇଁ ଦାୟୀ ପରିବର୍ତ୍ତିତ ଗୁଣସୂତ୍ର ସଂଶୋଧନ ଲାଗି ସିଆରଆଇଏସ୍‌ପିଆର/କ୍ୟାସ୍୯ ଭଳି ଜିନ୍-ଏଡିଟିଂ କୌଶଳ ଉପରେ ଏବେ ବିଶ୍ୱବ୍ୟାପୀ ଧ୍ୟାନ ଦିଆଯାଉଛି। ଏହି କ୍ରମରେ ଭାରତୀୟ ବୈଜ୍ଞାନିକମାନେ ଥାଲାସେମିଆ ନିରାକରଣ ପାଇଁ ଜିନ୍ ଥେରାପି ଉପରେ ଗବେଷଣା କରୁଛନ୍ତି। ସେହିପରି ଷ୍ଟେମ୍ ସେଲ୍ ପ୍ରତିରୋପଣ ଓ ରକ୍ତ ପରିବର୍ତ୍ତନ ଅବଧି ବୃଦ୍ଧି କରିବାକୁ ନୂଆ ଔଷଧ ପ୍ରସ୍ତୁତି ଦିଗରେ ବୈଜ୍ଞାନିକମାନେ ପରୀକ୍ଷା ନିରୀକ୍ଷା କରୁଛନ୍ତି। ଥାଲାସେମିଆ ନିରାକରଣ ପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷଜ୍ଞମାନେ ଜୋର ଦିଅନ୍ତି। ସେସବୁ ହେଉଛି- ଅନ୍ତଃସତ୍ତ୍ୱା ହେବାର ତିନି ମାସ ମଧରେ ମହିଳାମାନଙ୍କର ଏଚ୍‌ବିଏ୨ ପରୀକ୍ଷା ବାଧ୍ୟତାମୂଳକ କରିବା ଓ ସରକାରଙ୍କ ପକ୍ଷରୁ ଆଣ୍ଟିନାଟାଲ୍ ସ୍କ୍ରିନିଂ ପାଇଁ ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶ ଦେବା। ସେହିପରି ଥାଲାସେମିଆ ସୃଷ୍ଟିକାରୀ ଜିନ୍ ବା ଏହାର ବାହକ ଚିହ୍ନଟ ପାଇଁ ସ୍କୁଲ୍‌ରେ ଓ ସାହି/ବସ୍ତିରେ ସ୍କ୍ରିନିଂ କାର୍ଯ୍ୟକ୍ରମ ଆବଶ୍ୟକ। ତା'ଛଡ଼ା ଥାଲାସେମିଆ ବାହକ ପୁଅଝିଅଙ୍କ ମଧରେ ବିବାହ ସଂଖ୍ୟା ହ୍ରାସ ଲାଗି ଜେନେଟିକ୍ କାଉନ୍‌ସେଲିଂ ଜରୁରି। ଦେଶରୁ ଥାଲାସେମିଆ ମୂଳପୋଛ କରିବାକୁ ସବୁ ଦିଗରୁ ମିଳିତ ପ୍ରଚେଷ୍ଟା ଦରକାର। ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା, ଜିନ୍ ଓ ଷ୍ଟେମ୍‌ସେଲ୍ ଥେରାପି ସହ ସରକାରୀ ପ୍ରୋତ୍ସାହନ ହିଁ ଥାଲାସେମିଆ ବୋଝ କିଛିଟା କମାଇପାରେ। ଲୋକେ ସଚେତନ ହେଲେ ବିଶ୍ୱରୁ ଥାଲାସେମିଆ ନିଶ୍ଚିହ୍ନ କରାଯାଇ ପାରିବ। ପ୍ରଥମ ଥାଲାସେମିଆ ମୁକ୍ତ ଦେଶ ଭାବେ ସାଇପ୍ରସ୍ ଓ ଅନ୍ୟ କେତେକ ଦେଶ ଏକଥା ପ୍ରମାଣିତ କରିସାରିଛନ୍ତି।




ପୁରୁଷ ଓ ମହିଳାଙ୍କ କଣ୍ଠସ୍ୱରରେ ଫରକ ରହିଛି । ପୁରୁଷଙ୍କ ସ୍ୱର ଭାରୀ ହୋଇଥିବାବେଳେ ମହିଳାଙ୍କ ସ୍ୱର ପବବତଳା ହୋଇଥାଏ । କିନ୍ତୁ କିଛି ପୁରୁଷଙ୍କ ସ୍ୱର ବି ଝିଅଙ୍କ ଭଳି ପତଳା ହୋଇଥାଏ , ଯେଉଁଥିପାଁ ସେମାନଙ୍କୁ ଆନେକ ଥଟ୍ଟା ଟାପରାର ଶିକାର ହେବାକୁ ପଡ଼ିଥାଏ । କିନ୍ତୁ ଜାଣନ୍ତି କି ଏଭଳି ପୁରୁଷଙ୍କଠାରେ ,ଭଳି ପତଳା ସ୍ୱର ହେବାର କାରଣ କ'କ୍ଷଣ ? ଲିଭର ସ୍ପେଶାଲିଷ୍ଟ ଡା. ଶିବ କୁମାର ସରିନ ନିଜ ବହିରେ ଏ ବାବଦରେ ବିସ୍ତୃତ ଭାବେ ଲେଖିଛନ୍ତି ଏବଂ ଏହାକୁ ଠିକ୍ କରିବାର ଉପାୟ ବି ଲେଖିଛନ୍ତି ।

ଡାକ୍ତରଙ୍କ କହିଛନ୍ତି ତାଙ୍କ ପାଖକୁ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଆସଇଥିଲେ ତାଙ୍କ ସହ ଥିଲେ ତାଙ୍କର ୧୮ ର୍ଷର ପୁଅ । ଦେଖିବାକୁ ମୋଟା କିନ୍ତୁ ସ୍ୱର କି ଶାରୀରିକ ଲକ୍ଷଣ ସବୁ ପିଲାଙ୍କ ପରି । ଯେତେବେଳେ କଥା କହିବା ଆରମ୍ଭ କରିଥିଲେ ଡାକ୍ତର ଆଶ୍ଚର୍ଯ୍ୟ ହୋଇଥିଲେ । ଏପରି କାହିଁକି ବୋଲି କାରଣ ଜାଣିବାକୁ ଇଚ୍ଛା କରିଥିଲେ । ୧୮ ବର୍ଷ ହେବା ପରେ ବି ଅମରେନ୍ଦ୍ରଙ୍କ କଣ୍ଠ ଝିଅଙ୍କ ଭଳି ପତଳା ଥିଲା । ତାଙ୍କ ଠାରେ ସ୍ପଷ୍ଟ ସଙ୍କେତ ଥିଲା ଯେ, ଅମରେନ୍ଦ୍ରଙ୍କଠାରେ "Secondary Sexual Characters"ର ଗ୍ରୋଥ୍ ଠିକ୍ ସମୟରେ ହୋଇପାରିନାହିଁ । ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଲା, ଅମରେନ୍ଦ୍ରଙ୍କର BMI୩୭ ଥିଲା ଏବଂ ସେ ଗ୍ରେଡ୍ -୨ ଫ୍ୟାଟି ଲିଭରରେ ପୀଡ଼ିତ ଥିଲେ । ତାଙ୍କର ସିରମ୍ ଟେଷ୍ଟୋଷ୍ଟେରନ୍ ସ୍ତର ଯାଞ୍ଚ ପରେ ଜଣାପଡ଼ିଲା, ପୁରୁଷଙ୍କଠାରେ ଏହା ୨୭୦-୧୦୭୦ଭଣ/ଉଖ ରହୁଥିବାବେଳେ ଅମରେନ୍ଦ୍ରଙ୍କଠାରେ ଏହା କେବଳ ୯୨ ଭଳ/ୟକ୍ଷ ଥିଲା।

ବିଜ୍ଞାନ ଅନୁଷାରେ, ପୁରୁଷଙ୍କ ସ୍ୱରର ଗାମ୍ଭୀର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଟେଷ୍ଟୋଷ୍ଟେରନ୍ ହରମୋନ୍ ଉପରେ ନିର୍ଭର କରେ । କିଶୋର ଅବସ୍ଥାରେ ଏହି ହରମୋନ୍ ସ୍ୱରନଳୀ ବା ଭଏସ୍ ବକ୍ସକୁ ବିସ୍ତାର କରି ଭୋକାଲ୍ କର୍ଡସ୍କୁ ମୋଟା କରିଦିଏ । ଫଳରେ କିଶୋର ଅବସ୍ଥାରେ ପୁରୁଷଙ୍କ ସ୍ୱରରେ ପରିବର୍ତ୍ତନ ତଥା ଭାରୀପଣ ଆସିଥାଏ । କିନ୍ତୁ ଯଦି ପୁରୁଷଙ୍କଠାରେ ମେଦବହୁଳତା ଆସେ ତାହେଲେ ଶରୀରରେ ଟେଷ୍ଟୋଷ୍ଟେରନ୍ ସ୍ତର କମିଯାଏ ଏବଂ ପୁରୁଷଙ୍କ ସ୍ୱର ଝିଅଙ୍କ ପତଳା ହୋଇଯାଏ ।

ଏ ସମସ୍ୟାର ସମାଧାନ କ'ଣ ?

ମେଡିକାଲ ସାଇନ୍ସ ଅନୁସାରେ ଏହାର ପ୍ରଭାବୀ ଚିକିତ୍ସା ଔଷଧ ଅପେକ୍ଷା ଜୀବନ ଶୈଳୀ ବଦଳାଇବା ଉପରେ ନିର୍ଭର କରେ । ରିସର୍ଚ୍ଚ କହୁଛି , ଶରୀରର ଓଜନ ୫ରୁ ୧୦ ପ୍ରତିଶତ ଓଜନ କଲେ ଏରୋମାଟେଜ୍ ଏଞ୍ଜାଇମ୍ର ପ୍ରଭାବ କମିଯାଏ ଏବଂ ଟେଷ୍ଟୋଷ୍ଟେରନ୍ ସ୍ତର ସୁଧାରିବାରେ ସାହାଯ୍ୟ କରେ । ତେଣୁ ଶାରୀରିକ ପରିଶ୍ରମ ସହ ବ୍ୟାୟାମ କରି ନିଜ ଓଜନକୁ ଠିକ୍ ରଖନ୍ତୁ ଏବଂ ନିଜ ସ୍ୱରକୁ ବି ଠିକ୍ ରଖନ୍ତୁ ।

# ରାଉରକେଲା ପୁଲିସ ଜିଲ୍ଲାରେ ଥାନା ଗୁଡିକରେ ମିଳୁନି ନ୍ୟାୟ: ଏସପି ଅଫିସରେ ଜମୁଛି ଭିଡ଼

ରାଉରକେଲା, ୩୦/୦୬ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ଥିବା ଥାନା ଗୁଡିକରେ ଲୋକଙ୍କୁ ନ୍ୟାୟ ମିଳୁନାହିଁ, ଫଳରେ ପ୍ରତିଦିନ ଏସପି ଅଫିସ ରେ ଏଭଳି ଲୋକଙ୍କର ଭିଡ଼ ଜମୁଛି। ଆଜି ଏଭଳି ୩୦ରୁ ଅଧିକ ଲୋକ ବିଭିନ୍ନ ଥାନାରୁ ନ୍ୟାୟ ନପାଇ ଏସପି ଙ୍କୁ ଭେଟିଛନ୍ତି। ଏସପି ବିଭିନ୍ନ ଡ଼ିଏସପି ଙ୍କୁ ଏନେଇ ଦାୟିତ୍ୱ ଦେଇଥିବା ଖବର ମିଳିଛି। ଖବରରୁ ଜଣାପଡିଛି, ଥାନା ଗୁଡିକୁ ବିଭିନ୍ନ ମାମଲା ନେଇ ଯାଉଥିବା ଲୋକଙ୍କ ଏତଲା ରଖାଯାଉନି, ଯଦିବି ଏତଲା ରଖାଯାଉଛି ସେଠି ଏତଲାକାରୀ ନ୍ୟାୟ ପାଉନି। ସେହିଭଳି ଥାନା ଗୁଡିକରେ ଅଫିସର ମାନେ ଲୋକଙ୍କୁ ଗାଳିଗୁଲଜ କରି ଫେରାଇ ଦେଉଛନ୍ତି। ଅପରାଧୀ ମାନଙ୍କୁ ସମର୍ଥନ କରି ଏତଲାକାରୀଙ୍କ ମୁହଁ ଚୁପ୍ କରି ଦିଆଯାଉଛି। ଶିକ୍ଷିତ ଲୋକେ ଏସପି ଅଫିସ ଯାଇ ନ୍ୟାୟ ପାଇବାକୁ ଚେଷ୍ଟା କରୁଛନ୍ତି। କିଛି ଜାଣିନଥିବା ଲୋକେ ଚୁପ୍ ହୋଇ ରହୁଛନ୍ତି। ଏଭଳି ଘଟଣା ପ୍ରାୟ ସବୁ ଥାନାରେ ଦେଖାଯାଉଛି। ଏସପି ଅଫିସରେ ଅନେକ ଅତିରିକ୍ତ ଏସପି, ଡ଼ିଏସପି ଅଛନ୍ତି କିନ୍ତୁ ଏମାନେ ମଧ୍ୟ ନିୟମିତ ଥାନା ଗୁଡିକୁ ଯାଉନାହାନ୍ତି। ଏସପି ଅକାଳେ ସକାଳେ ଯିବା କଥାରେ ରହିଛି। ଫଳରେ ଥାନା ଗୁଡ଼ିକରେ ମେରୀ ରାୟ ଶାସନ ଚାଲିଛି। ଏହିଭଳି ଏକ ମାମଲାରେ ଆଜି ଛେଣ୍ଡ ଥାନା ବିରୋଧରେ, ଥାନା ଅଧିକାରୀ ଗାଳିଦେବା, ଏତଲା ନରଖିବା ଇତ୍ୟାଦି ଘଟଣାରେ ଜୟନ୍ତୀ ଦାସ ନାମକ ମହିଳା ଏସପିଙ୍କୁ ଭେଟିଥିବା ଖବର ମିଳିଛି। ଏସପି ଏହାକୁ ଜଣେ ଅତିରିକ୍ତ ଏସପିଙ୍କୁ ତଦନ୍ତ ଲାଗି ଦେଇଛନ୍ତି। ସରକାର କହୁଛନ୍ତି ପୁଲିସ ଲୋକଙ୍କ ସେବାରେ, ଏପଟେ ପୁଲିସ ଅପରାଧୀ ମାନଙ୍କ ସହ ରହୁଛି। ଫଳରେ ସହରରେ ହତ୍ୟା, ଲୁଟ୍ ଭଳି ଅପରାଧ ବଢି ଚାଲିଛି। ରାଉରକେଲାରେ ଜଣେ ଏସପି ପୁଣି ପାଖରେ ଡିଆଇଜି କିନ୍ତୁ ଲୋକଙ୍କୁ ନ୍ୟାୟ ମିଳିବା ସମ୍ଭବ ହେଉନି। ରାଜ୍ୟ ମୁଖ୍ୟମନ୍ତ୍ରୀ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା-୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାରିପଦା, ୩୦/୦୬ (ନି.ପ୍ର): ଚଳିତ ବର୍ଷ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା, ସୁରକ୍ଷା ଏବଂ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବୋତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମାନ୍ୟବର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ଶ୍ରୀ ଭାସ୍କର ମଢେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ବାରିପଦା ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଡୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ସମସ୍ତ ବିଭାଗ, ଦେବୋତ୍ତର ବିଭାଗ ଓ ସେବାୟତମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ବୈଠକରେ ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ରାଜ୍ୟର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରା । ଏହି ପବିତ୍ର ଉତ୍ସବକୁ ମହାପ୍ରଭୁଙ୍କ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ, ସେବାୟତ ଓ ଜନସାଧାରଣଙ୍କ ସମନ୍ୱିତ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ କହିଥିଲେ ଯେ, ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ପ୍ରତ୍ୟେକ ବିଭାଗକୁ ସମୟବଦ୍ଧ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଣ୍ଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ପରିଚାଳନା, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା, ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ ଅଗ୍ନିକାଣ୍ଡ ଏବଂ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସହର ଏବଂ ବଡଦାଣ୍ଡ ଅଞ୍ଚଳରେ ସ୍ୱଚ୍ଛତା, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବଡଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରିବା, ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ସହ ନିୟମିତ ଚଢ଼ାଉ କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର ବିଭାଗର କର୍ମକର୍ତ୍ତା, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଏବଂ ସହରର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜୁନ୍ ମାସର ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ

ଝାରସୁଗୁଡା, ୩୦/୦୬ (ନି.ପ୍ର): ଜୁନ୍ ମାସର ଇଣ୍ଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପୋଲିଓ ଟିକାର ଦୁଇ ବୁନ୍ଦ ପିଆଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ଅଭିଭାବକଙ୍କୁ ନିଜର ୫ ବର୍ଷରୁ କମ୍ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିକଟସ୍ଥ ପଲ୍ସ ପୋଲିଓ ବୁଥକୁ ନେଇ ପୋଲିଓ ଟିକା ନିଶ୍ଚିତ ଭାବେ ପିଆଇବାକୁ ଆହ୍ୱାନ କରାଯାଇଥିଲା। ପଲ୍ସ ପୋଲିଓ ଅଭିଯାନ ମାଧ୍ୟମରେ ପୋଲିଓମୁକ୍ତ ସମାଜ ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଜିଲ୍ଲାର ସମସ୍ତ ସହରାଚଂଳ ଓ ଗ୍ରାମାଚଂଳରେ ସ୍ଥାପିତ ପଲ୍ସ ପୋଲିଓ ବୁଥ, ଟ୍ରାନ୍ଜିଟ୍ ବୁଥ୍ ଓ ପରବର୍ତୀ ଘରକୁ ଘର ବୁଲିବା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗ୍ୟ ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବ। ପୋଲିଓ ନିରାକରଣ ପାଇଁ ଏହି ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଲୋଡ଼ା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହା ଜୁନ୍ ୨୦୨୬ ଆଇ ପି ପି ଆଇ ରାଉଣ୍ଡ ୨୮-୩୦ ଜୁନ୍ ମଧ୍ୟରେ ଆୟୋଜିତ ହେଉଛି ଏବଂ ୫ ବର୍ଷରୁ କମ୍ ବୟସର ସମସ୍ତ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମାଇକ ଯୋଗେ ସମସ୍ତଙ୍କୁ ସଚେତନ କରାଯାଇଥିଲା ।

# ଚାନ୍ଦବାଲିରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ, ୩୦/୦୬ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା।

# ରାଜ୍ୟ ଓ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ବିରୋଧ କରି ସି.ପି.ଏମ୍. ପକ୍ଷରୁ ଥାନା ଘେରାଉ




ଜଳେଶ୍ୱର, ୩୦/୦୬ (ନି.ପ୍ର): ରାଜ୍ୟ ତଥା ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ମଙ୍ଗଳବାର ସି.ପି.ଆଇ.(ଏମ୍) ପକ୍ଷରୁ ଜଳେଶ୍ୱର ଥାନା ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ଉପରେ ବର୍ଷିଛନ୍ତି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଏବଂ ବିଧାନସଭାର ଶ୍ୱେତପତ୍ର ଅନୁଯାୟୀ ରାଜ୍ୟରେ ହତ୍ୟା, ଚୋରି, ଭିଡ଼ ହିଂସା ଓ ମହିଳା ନିର୍ଯ୍ୟାତନା ଭଳି ଜଘନ୍ୟ ଅପରାଧ ବ୍ୟାପକ ଭାବେ ବୃଦ୍ଧି ପାଇଛି। ଜଳେଶ୍ୱର ଭଳି ସୀମାନ୍ତ ଅଞ୍ଚଳରେ ନିଶା କାରବାର ସହ ବାଲି ଓ ମାଟି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ପୋଲିସର ନିଷ୍କ୍ରିୟତାକୁ ସମାଲୋଚନା କରି ନେତାମାନେ କହିଛନ୍ତି ଯେ, ଜଣେ ୫ ବର୍ଷର ନାବାଳିକାକୁ ଯୌନ ନିର୍ଯ୍ୟାତନା ଦେଇଥିବା ଅଭିଯୁକ୍ତକୁ ୮ ମାସ ହେଲା ପୋଲିସ ଗିରଫ କରିପାରୁ ନାହିଁ। ଅପରପକ୍ଷରେ, ବିନା ଅନୁସନ୍ଧାନରେ ସିପିଆଇଏମ ଆଞ୍ଚଳିକ ନେତା ଜୀବନ ପରିଡା ଓ ତାଙ୍କ ସ୍ତ୍ରୀଙ୍କୁ ମିଥ୍ୟା ହତ୍ୟା ମାମଲାରେ ଗିରଫ କରାଯାଇଛି, ଯାହାକୁ ଦଳ ତୀବ୍ର ନିନ୍ଦା କରିଛି। ଥାନା ଗୁଡ଼ିକରେ ଆବଶ୍ୟକ ପୋଲିସ କର୍ମଚାରୀ ନଥିବାରୁ ସୁରକ୍ଷା ବ୍ୟବସ୍ଥା ଭାଙ୍ଗି ପଡ଼ିଛି ବୋଲି ଦଳ କହିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ଏହି ବିକ୍ଷୋଭ ଶୋଭାଯାତ୍ରା ଜଳେଶ୍ୱର ରେଳ ଷ୍ଟେସନରୁ ବାହାରି ସହର ପରିକ୍ରମା କରିବା ପରେ ଥାନା ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ ମିଶ୍ରଙ୍କ ସମେତ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇ ବକ୍ତବ୍ୟ ରଖିଥିଲେ।

# ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସ୍ମାରକୀ ସ୍ମୃତିସ୍ତମ୍ଭ ଉନ୍ମୋଚିତ




ପଟ୍ଟାମୁଣ୍ଡାଇ, ୩୦/୦୬ (ନି.ପ୍ର): "ଯେଉଁ ଶିକ୍ଷା ମାନବକୁ ମୁକ୍ତି ଦେଇପାରେନା କି ମଣିଷ ସମାଜର ସାମଗ୍ରିକ କଲ୍ୟାଣ ନିମନ୍ତେ ଚିନ୍ତା ଭାବନା କରିବାର ଶକ୍ତି ପ୍ରଦାନ କରିପାରେନା ସେ ଶିକ୍ଷା ଶିକ୍ଷା ପଦବାଚ୍ୟ ନୁହେଁ" ବୋଲି ରବିବାର ଦିନ ପଦ୍ମଲୋଚନ ନୋଡାଲ୍ ବିଦ୍ୟାପୀଠ ହୀରକ ଜୟନ୍ତୀ ସ୍ମାରକୀ ସ୍ମୃତିସ୍ତମ୍ଭ ଶୁଭ ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏମିତି ମତବ୍ୟକ୍ତ କରିଛନ୍ତି । ଚନ୍ଦନନଗର ସ୍ଥିତ ଏହି ବିଦ୍ୟାପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହି ସ୍ମୃତିସ୍ତମ୍ଭ ଉନ୍ମୋଚିତ ହୋଇଥିଲା । ହୀରକ ଜୟନ୍ତୀ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପଂଚାନନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ମେୟର ଓ ପ୍ରାକ୍ତନ ରାଜ୍ୟସଭା ସାଂସଦ ସୁବାସ ଚନ୍ଦ୍ର ସିଂହ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼. ମନୋରଞ୍ଜନ କର, ଜାଭିଅର ବିଶ୍ୱବିଦ୍ୟାଳୟର ଡିନ୍ ଡକ୍ଟର ଗୋଲକ ନାଥ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପି.ଏମ୍ ଓ ଆଇ.ଆର ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟ ଉନ୍ନୟନ କାଉନସିଲ୍ର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ହରେକୃଷ୍ଣ ସ୍ୱାଇଁ, କମିଟିର ଉପଦେଷ୍ଟା ତଥା ପଦ୍ମଲୋଚନ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ମହେଶ୍ୱର ଦାସ, ବିଶିଷ୍ଟ ଶ୍ରମିକ ନେତା ଜଗତ୍ ଜୀବନ ଦାଶ, ଭୁବନେଶ୍ୱର ଓଡ଼ିଶା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଂଜିନିୟରିଂ ଆଣ୍ଡ ସେଫ୍ଟି ମ୍ୟାନେଜମେଂଟର ଅଧ୍ୟକ୍ଷ ଉଦୟ ଚାନ୍ଦ ମଲ୍ଲିକ, ଭୁବନେଶ୍ୱର ୟୁନିଟ୍-୨ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ତ୍ରିପାଠୀ, ଓଡ଼ିଶା ଅର୍ଥସେବାର ପ୍ରାକ୍ତନ ବରିଷ୍ଠ ଅଧିକାରୀ କୁଶାସନ ମଲ୍ଲିକ, ଓଡ଼ିଶା ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ଶାସନ ସଚିବ ଅଶୋକ କୁମାର ଦାସ, ଇଣ୍ଡିଆନ୍ ବ୍ୟାଙ୍କର ପ୍ରାକ୍ତନ ଏଜିଏମ୍ ନିମାଇଁ ଚରଣ ସାମଲ, ନାବାର୍ଡ ବ୍ୟାଙ୍କର ପ୍ରାକ୍ତନ ବରିଷ୍ଠ ମ୍ୟାନେଜର କୃଷ୍ଣଚନ୍ଦ୍ର ସିଂହ, ହାଇକୋର୍ଟର ବରିଷ୍ଠ ଆଡଭୋକେଟ୍ ରମେଶ ଚନ୍ଦ୍ର ସ୍ୱାଇଁ, ଭଦ୍ରକର ପ୍ରାକ୍ତନ ଆରକ୍ଷୀ ନିରୀକ୍ଷକ ଅଧର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ କର, ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ, ପୂର୍ବତଟ ରେଳପଥର ଅବସରପ୍ରାପ୍ତ ଉପମୁଖ୍ୟ ସଙ୍କେତ ଓ ଦୂରସଂଚାର ଯନ୍ତ୍ରୀ ଜୟନାରାୟଣ ଅଖିଳ ନାଥ, ମହାକାଳପଡ଼ାର ବାୟାବାବା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଶିଲ୍ କୁମାର ସାହୁ, ଚନ୍ଦ୍ରମୌଳି ମନ୍ଦିର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂହ, ଆଳି ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର କୁମାର ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ତପନ କୁମାର ଦାସ, ଗରଦପୁର ବ୍ଲକ୍ର ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଉପାଧ୍ୟାୟ, କଟକ ସଦର ବେଂଟକର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳ୍ପତରୁ ପାଗଳ, ମଦନପୁର ୟୁ.କେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ର, ନ୍ୟାସନାଲ୍ ଇନ୍ସ୍ୟୁରାନ୍ସର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ସୁବୋଧ ମହାକୁଳ, ବିଲିକଣା ଗ୍ରାମପଂଚାୟତର ପୂର୍ବତନ ସରପଂଚ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ଚନ୍ଦନନଗର ପଂଚାୟତର ସରପଂଚ ବନଜ ସେଠି, ହୀରକ ଜୟନ୍ତୀ କମିଟିର ଉପ ଅଧ୍ୟକ୍ଷ ଦୁର୍ଗାଚରଣ କର, ଚନ୍ଦନନଗର ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ଦେବେନ୍ଦ୍ର କୁମାର ଦାସ, କବୀ ଓ ସମାଜସେବୀ ନଳିନୀ ଦାଶ, ସମାଜସେବୀ ମୀରା ପ୍ରିୟଦର୍ଶିନୀ, ସୁରେଖା ଦାସ ଓ ରାଧାକାନ୍ତ ଜେନା ପ୍ରମୁଖ ପୁରାତନ ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠା ସମୟରେ ଉପସ୍ଥିତ ରହିଥିବା ଆଦିକନ୍ଦ ବାୟୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାପୀଠର ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ହେମମଂଜରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ହୀରକ ଜୟନ୍ତୀ ପାଳନ ଓ ବିଦ୍ୟାଳୟର ଉନ୍ନତି ନିମନ୍ତେ ବଳିଷ୍ଠ ଯୋଗଦାନ ନିମିତ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ତଥା ପଂଚସଖା ଶିକ୍ଷାସେତୁର ଅଧ୍ୟକ୍ଷ ଓ ହୀରକ ଜୟନ୍ତୀ କମିଟିର ସଭାପତି ପ୍ରଫୁଲ୍ଲ କୁମାର ଶତପଥୀ, ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିରଞ୍ଜନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯାଜପୁରର ଡେପୁଟି କଲେକ୍ଟର ତଥା ହୀରକ ଜୟନ୍ତୀ କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଅଶୋକ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ବିଦ୍ୟାପୀଠ ପ୍ରତିଷ୍ଠା ଇତିହାସ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବକୁ ପରିଚାଳନା କରିଥିଲେ କମିଟିର ପ୍ରମୁଖ ସଂଯୋଜକ ବିଚିତ୍ର କୁମାର ସିଂହ, ବିଶିଷ୍ଟ ଶ୍ରମିକ ନେତା ତଥା କମିଟିର ସାଂସ୍କୃତିକ ସମ୍ପାଦକ ଗୌରାଙ୍ଗ ଚରଣ ରଥ, ଯୁଗ୍ମ ଅଧ୍ୟକ୍ଷ ରଘୁନାଥ ସ୍ୱାଇ, ଭଗବାନ ଦାଶ, ବିତ୍ତ ସମ୍ପାଦକ ରତ୍ନାକର ଶତପଥୀ, ସଂଯୋଜକ ସୁବାସ ଚନ୍ଦ୍ର ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭୀଷ୍ମ ନାରାୟଣ, ଯୁଗ୍ମ ଅଧ୍ୟକ୍ଷ ନାରାୟଣ ଦାସ, ସହକାରୀ ସାଧାରଣ ସମ୍ପାଦକ ଈଶ୍ୱର ମଲ୍ଲିକ, ବିତ୍ତ ସଂଯୋଜକ ନିତ୍ୟାନନ୍ଦ ନାଥ, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର କର, ପ୍ରସାର ସଂପାଦକ ଜଗନ୍ନାଥ ମହାପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ବିଷ୍ଣୁ ଚରଣ ରାଉତ, ଅଜୟ କୁମାର ବାୟୀ, କବି କ୍ଷୀରୋଦ କୁମାର ବାୟୀ, ବିଦ୍ୟାପୀଠର ସହକାରୀ ଶିକ୍ଷକ ଦୁର୍ଗାପ୍ରସାଦ ପରିଡା, ସରୋଜ କୁମାର ସାହୁ, ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ସୌମ୍ୟାଶ୍ରୀ କର, ବନଜିନୀ ସାହୁ, କନକଲତା ଷଡଙ୍ଗୀ, ସ୍ନେହମୟୀ ରଥ, ଶିକ୍ଷକ ଦିପ୍ତୀଶଙ୍କର ରାଉଳ, ଆଶିଷ କୁମାର କାର୍ଜୀ, ରାଜରୋଷନ ଯାଦବ, ଚିତ୍ତରଞ୍ଜନ ବାରିକଙ୍କ ସମେତ ସ୍କୁଲର କର୍ମଚାରୀ ସୁରେଶ ଚନ୍ଦ୍ର ନାୟକ, ସମ୍ବେଦ ରାଉତରାୟ ଓ ଅବିନାଶ ନାଥ । ଏହି ଉତ୍ସବକୁ ସଂଯୋଜନା କରିଥିଲେ ପୂର୍ବତଟ ରେଳପଥର ବରିଷ୍ଠ ଜନ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ନିରାକାର ଦାସ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ମହାକୁଳ । ଏଥିରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତାଙ୍କର ପାରମ୍ପରିକ ପୋଷାକ ପରିଧାନ କରି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉତ୍ସବର ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ ।

# ନବାଗତ ପିଲାଙ୍କୁ ଆ.ରକେ ରେସିଡେନ୍ସିଆଲ ସ୍କୁଲ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ନୀଳଗିରି: ସୁଶିଲ କୁମାର ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ସ୍କିଟ) ଓ ନୀଳଗିରି ପରିବାର ଆ.ରକେ ରେସିଡେନ୍ସିଆଲ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଜାଇଛି। ଅନୁଷ୍ଠାନର ସମ୍ପାଦିକା ତଥା ନିର୍ଦ୍ଦେଶିକା ଶ୍ରୀମତି ଓ୍ୱପାଲି ଉପମିତା ପ୍ରଧାନଙ୍କ ପରାମର୍ଶ କ୍ରମେ ବିଦ୍ୟାଳୟରେ ନୂଆକରି ନାମ ଲେଖାଇଥିବା ପିଲାଙ୍କୁ ବନ୍ଦାପନା କରି, ଶଙ୍ଖ ବଜାଇ, ମିଷ୍ଟାନ୍ନଖୁଆଇ ସ୍ୱାଗତ କରାଯାଇଥିଲା। ଏହାସହ ଗତ ମେଟ୍ରିକ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଓ ଛାତ୍ରୀ ଦ୍ୱୟଙ୍କୁ 'ସେବା' ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ବସନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ର ସିନିଅର ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ଚିନ୍ତାମଣି ଦାସ, ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର ଶ୍ରୀଯୁକ୍ତ କମଳାକାନ୍ତ ଦାସ ମହାପାତ୍ର, ଇଞ୍ଜିନିଅର ଓ.ଏମ.ସିଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବିଦ୍ୟାଳୟ ରେ ଅଧ୍ୟୟନ ରତ ଆର୍ଥିକ ଅନଗ୍ରସର ଛାତ୍ର ଓ ଛାତ୍ରୀ ମାନଙ୍କୁ ଉପରକ୍ତ ସଂସ୍ଥା ତରଫରୁ ସ୍କୁଲ ବ୍ୟାଗ, ପାଠ୍ୟ ଉପକରଣ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ଦଶହଜାର ଟଙ୍କା ମୂଲ୍ୟର ପାଠାଗାର ପୁସ୍ତକ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟର ପୁର୍ବତନ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସୋମନାଥ ନାୟକ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିଲେ।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସହଯୋଗରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

# କାର୍ଯ୍ୟଭାର ଗ୍ରହଣ ପରେ ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକଙ୍କ ସାମ୍ବାଦିକ ସମ୍ମିଳନୀ

ରାଇରଙ୍ଗପୁର, ୩୦/୦୬ (ନି.ପ୍ର): ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ପ୍ରଥମ ନବନିଯୁକ୍ତ ଆରକ୍ଷୀ ଅଧୀକ୍ଷକ (ଏସ୍.ପି), ସୁରେଶ ଚନ୍ଦ୍ର ପାତ୍ର ଔପଚାରିକ ଭାବେ ତା'ଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ରାଇରଙ୍ଗପୁରସ୍ଥିତ ତା'ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷତା କରିଥିଲେ।ଏହି ଅବସରରେ ସେ କହିଥିଲେ ରାଇରଙ୍ଗପୁର ହେଉଛି ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଏବଂ ନୂତନ ପୁଲିସ ଗଠନ କ୍ରମେ ଜିଲ୍ଲାରେ ପ୍ରଥମ ଅଧିକ୍ଷକ ଭାବେ ଅବସ୍ଥାପିତ ତାଙ୍କ ପାଇଁ ଏକ ସୌଭାଗ୍ୟ। ନୂତନ ପୁଲିସ ଜିଲ୍ଲା ଗଠନ ହେତୁ ଏ ଅଂଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକମାନଙ୍କ ମନରେ ଅନେକ କିଛି ଆଶା ଆକାଂକ୍ଷା ରହିଥିବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବା ସହିତ ସେଥିପ୍ରତି ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।ସେ ଆହୁରି ମଧ୍ୟ କହିଥିଲେ ଯେ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁ ସୁରକ୍ଷା, ସଡ଼କ ସୁରକ୍ଷା, ସାଇବର ଅପରାଧ ରୋକିବା ଏବଂ ଜନସାଧାରଣଙ୍କ ସହ ପୁଲିସର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ।

# କେନ୍ଦୁଝରରେ ଟୀକାକରଣ ଅଭିଯାନ: ୮୨% ଶିଶୁଙ୍କୁ ଟୀକା

କେନ୍ଦୁଝର, ୩୦/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ଟିକାକରଣ ଅଭିଯାନ ସଫଳତାର ସହ ଆଗେଇ ଚାଲିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ ପରିସରଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତମାନ ସୁଦ୍ଧା ୧,୪୪,୪୭୨ ଜଣ ଶିଶୁ ଟୀକା ନେଇସାରିଛନ୍ତି। ଏହି ସଫଳତା ସହ ଜିଲ୍ଲା ୮୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ଏହି ସ୍ୱତନ୍ତ୍ର ଅଭିଯାନର ଜିଲ୍ଲାସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁଝର ସିଡିଏମ୍ ଆଣ୍ଡ ପିଏଚ୍ଓ ଡ଼ଃ ଧନେଶ୍ୱର ସେଠୀ ଏହି ଅଭିଯାନକୁ ଔପଚାରିକ ଭାବେ ଉଦଘାଟନ କରିଥିଲେ। ଟୀକାକରଣ କାର୍ଯ୍ୟକ୍ରମରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଭିଯାନର ଶେଷ ଦୁଇଦିନରେ କୌଣସି ଶିଶୁ ଯେପରି ଟୀକାରୁ ବଂଚିତ ନହୁଅନ୍ତି, ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ 'ଘରକୁ ଘର' ବୁଲି ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ ଯୁଗ୍ମ ନିର୍ଦ୍ଦେଶକ(ଏମ୍ଏଚ୍) ଡ଼ଃ ଅଭିଜିତ କୁଅଁର ଯୋଗଦେଇଥିଲେ। ଏଥିସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡ଼ଃ ପୁରୁଷୋତମ ମହାନ୍ତ(ଡିପିଏଚ୍ଓ), ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ(ଏଡିପିଏଚ୍ଓ-ଏଫ୍ଡବ୍ଲ୍ୟୁ), ଡ଼ଃ ନୀଲମ ମହାନ୍ତି(ଏଡିପିଏଚ୍ଓ-ଟିବି), ଡ଼ଃ ପୁଷ୍ପାରାଣୀ ପଟ୍ଟନାୟକ (ଏଡିପିଏଚ୍ଓ-ଭିବିଡ଼ି) ଏବଂ ନିତ୍ୟରଞ୍ଜନ ବରାଳ(ଡିପିଏମ୍, ଏନ୍ଏଚ୍ଏମ୍) ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଶ୍ରୀ ଭରତ ସାହୁ(ଡିପିଏଚ୍ସିଓ), ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର(ଡିଭିଏଲ୍ଏମ୍), ଶ୍ରୀମତୀ ବୁଧୁନୀ ମହାପାତ୍ର(ଏଲ୍ଏଚ୍ଭି), ଶ୍ରୀ ବୃନ୍ଦାବନ ସାହୁ(ଏସ୍ଏ), ଶ୍ରୀ ଚିତରଞ୍ଜନ ଜେନା(ଆଇସିଏ)ଙ୍କ ସମେତ ରୋଟାରୀ କ୍ଲବ କେନ୍ଦୁଝରର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଫଳତା: ଜିଲ୍ଲାରେ ଫାଙ୍କା ପଡିଛି ବ୍ଲକ ଶିକ୍ଷା ଅଧିକାରୀ ପଦବୀ, ଦୁର୍ନୀତିରେ ଉବୁଟୁବୁ ଜିଲ୍ଲା ଶିକ୍ଷାଧିଶ

ବୈଶିଙ୍ଗା , ୩୦/୬ (ନି.ପ୍ର): ରାଜ୍ୟର ସର୍ବବୃହତ ଏବଂ ଆଦିବାସୀ ବହୁଳ ଜିଲା ଭାବେ ମୟୂରଭଞ୍ଜ ଜିଲା ଶିକ୍ଷା କ୍ଷେତ୍ରରେ ଯେପରି ଅବହେଳିତ ସ୍ୱାସ୍ଥ୍ୟ ଓ କୃଷି ଜଳସେଚନ ଏବଂ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଆଦୌ କୌଣସି ସୁଯୋଗ ନ ଥିବା ଦାଦନ ଶ୍ରମିକଙ୍କ ଜିଲା ଭାବେ ଶ୍ରମିକ ମାନଚିତ୍ରରେ ସ୍ଥାନିତ । ଜିଲ୍ଲା ଶିକ୍ଷାଧିଶ ଦୁର୍ନୀତି ରେ ଉବୁଟୁବୁ ହେବା ଏଥିପାଇଁ ଏକ ମାସ ତଳେ ତାଙ୍କର ବଦଳି ହୋଇଥିଲେ ମଧ ସେ ଚୌକି କୁ ମାଡି ବସିବା ଘଟଣା ଜିଲ୍ଲାପାଳ ଙ୍କ କାର୍ଯ୍ୟଧାରା କୁ ସୂଚିତ କରୁଛି ।ଏହି ଜିଲାରେ ମୋଟ ୨୬ ଟି ବ୍ଲକ ଥିବା ବେଳେ ରାଜ୍ୟ ର ଅନ୍ୟ କୌଣସି ଜିଲାରେ ଏତିକି ସଂଖ୍ୟକ ବ୍ଲକ ନାହିଁ । ସେହିପରି ସ୍କୁଲ କ୍ଷେତ୍ରରେ ମାତ୍ର ପାଞ୍ଚଟି ଶ୍ରେଣୀ ପାଇଁ ଦୁଇ ଜଣ ଶିକ୍ଷକ ଥିବା ସହିତ ଦୁଇଟି ଶ୍ରେଣୀ କକ୍ଷ ଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ କ୍ଷେତ୍ରରେ ଆଠଟି ଶ୍ରେଣୀ ପାଇଁ ତିନି ଜଣ ରୁ ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାର ଉଦାହରଣ ରହିଛି । ବିଶାଳ ଭୌଗଳିକ ଆୟତନ ବିଶିଷ୍ଟ ଜିଲାରେ ଜଣେ ମାତ୍ର ଶିକ୍ଷାଧିକାରୀ କାର୍ଯ୍ୟ କରୁଥିବା ବେଳେ ବର୍ଷର ମୋଟ କାର୍ଯ୍ୟ ଦିବସ ମଧ୍ୟରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରିବା ମଧ ତାଙ୍କ ପକ୍ଷେ ସମ୍ଭବ ନୁହେଁ । ସେହିପରି ସବୁଠାରୁ ଉଦବେଗ ଓ ଚିନ୍ତାଜନକ ବିଷୟ ହେଲା ମୋଟ ୨୬ ଟି ବ୍ଲକ ମଧ୍ୟରୁ ୧୫ ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ୧୧ ଟି ବ୍ଲକରେ ଆଦୌ ଶିକ୍ଷା ଅଧିକାରୀ ନାହାନ୍ତି । ସ୍କୁଲ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ବେଳେ ବ୍ଲକ ଶିକ୍ଷା କୁ ପରିଚାଳନା କରୁଥିବା ବ୍ଲକ ସ୍ତରରେ ଶିକ୍ଷା ଅଧିକାରୀ ପଦବୀ ସହିତ ୧୫ ରୁ ଅଧିକ ବ୍ଲକରେ ମଧ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି । ଯାହା ଫଳରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶୃଙ୍ଖଳା ରକ୍ଷା ହୋଇ ନ ପାରି ସାରା ଜିଲାରେ ଶିକ୍ଷା ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ ହୀନତା ପାଇଁ ଭୁଷୁଡି ପଡିବାକୁ ବସିଥିବା ଶିକ୍ଷକ ସଂଘ ପକ୍ଷରୁ ଗଣମାଧମରେ ଅଭିଯୋଗ କରାଯାଇଛି । ସେହିପରି ବେତନଟୀ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ତିନି ଜଣ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ସ୍ଥାନରେ ଜଣେ ମାତ୍ର ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ଯ୍ୟ କରୁଛନ୍ତି । ବିଜେଡି ସରକାର ଅମଳରେ ଏହି ଅବ୍ୟବସ୍ଥା ସ୍କୁଲ ଓ ଗଣଶିକ୍ଷା ବିଭାଗର ସଜଡା ଯାଇ ପାରି ନ ଥିବା ବେଳେ ବିଜେପି ର ଡବଲ ଇଞ୍ଜିନ ସରକାର କ୍ଷମତା ଦଖଲ କରିଥିଲେ ବି ଏବଂ ଜିଲାରେ ନଅ ଟି ଯାକ ବିଧାନ ସଭା ଆସନ ସହିତ ସାଂସଦ ପଦବୀ ମଧ ବିଜେପି ଦଖଲରେ ଥିବା ସତ୍ତ୍ୱେ ଜିଲାର ବିଇଓ ପଦବୀ ଓ ଅତିରିକ୍ତ ବିଇଓ ପଦବୀ ଖାଲି ପଡିଥିଲେ ସୁଦ୍ଧା ପୂରଣ କରାଯାଇ ନ ପାରିବା ଆଲୋଚ୍ୟ ବିଷୟ ପାଲଟିଛି । ସମଗ୍ର ରାଜ୍ୟରେ ମୋଟ ୩୧୪ ଟି ବ୍ଲକ ମଧ୍ୟରୁ ୧୦୬ ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ନ ଥିବା ଉଦବେଗ ର ବିଷୟ ହୋଇଛି। ଏହା ସାଙ୍ଗକୁ ଚଳିତ ବର୍ଷ ନୂତନ ବହିରେ ଥିବା ତ୍ରୁଟି ପାଇଁ ସାରା ରାଜ୍ୟରେ ସରକାର ନିନିତ ହେବା ସହିତ ପିଲାଙ୍କ ଭାଗ୍ୟରେ ଡୋରୀ ବାନ୍ଧି ଦିଆ ଯାଇଛି । ଏ ସବୁର ସରଳ ସମାଧାନ ପାଇଁ ଦାବୀ ହେଉଛି ।

# ବିନା ବିକଳ୍ପରେ ଶିକ୍ଷକ ବଦଳି: ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

ଖଇରା, ୩୦/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଯୁକ୍ତି ନଦେଇ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳୀ କରିବାପାଇଁ ପ୍ରକ୍ରିୟା ଚାଲିଥିବାରୁ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଶିକ୍ଷାବିଭାଗ ଏଭଳି ନିଷ୍ପତ୍ତିରୁ କ୍ଷାନ୍ତ ନହୁଏ ତେବେ ପରିଚାଳନା କମିଟି ସଭାପତି ଦିପକ ମହାରଣାଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶହଶହ ସଂଖ୍ୟାର ଅଭିଭାବକ ତଥା ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହେବାକୁ ଚେତାବନୀ ଦେବା ସହ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ଏବେ ୫ଟି ଶ୍ରେଣୀରେ ୧୩୦ଜଣ ପିଲା ଅଧ୍ୟୟନ କରୁଥିବା ବେଳେ ଏବେ ମାତ୍ର ୩ଜଣ ଶିକ୍ଷକ ଦାୟିତ୍ୱରେ ଅଛନ୍ତି । ଏବେ ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ରୋଜାଲୀ ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ଅନ୍ୟତ୍ର ବଦଳୀ ପାଇଁ ଶିକ୍ଷାବିଭାଗ ପ୍ରସ୍ତୁତି ଚଳାଇଥିବା ଖବର ପରିଚାଳନା କମିଟି ପାଇବା ପରେ ଏଥିନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚିନ୍ତା ରେ ପକାଇଛି । ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ଯୋଗାଯୋଗ କରିବାରେ ଏହି ବଦଳୀ ଜିଲା କାର୍ଯ୍ୟାଳୟ ମାଧ୍ୟମରେ କରାଯାଉଥିବାରୁ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି ।

# ଟାଙ୍ଗୀରେ ମହାପ୍ରଭୁଙ୍କ ସ୍ନାନଯାତ୍ରା

ଟାଙ୍ଗି , ୩୦/୬ (ନି.ପ୍ର): ଖୋରଧା ଜିଲ୍ଲାର ଟାଙ୍ଗୀ ସଦରମହକୁମା ର ଜଗନ୍ନାଥ ମନ୍ଦିରରେ ସ୍ନାନ କଲେ ମହାପ୍ରଭୁ। ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ସ୍ନାନନୀତି ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଉଛି । ଧାଡ଼ି ପହଣ୍ଡିରେ ରତ୍ନବେଦୀ ଛାଡ଼ି ସ୍ନାନମଣ୍ଡପକୁ ବିଜେ କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରାଯାଇଥଲା । ଏହି ଦୁର୍ଲଭ ଦୃଶ୍ୟ ଦେଖିବା ଲାଗି ଟାଙ୍ଗୀ ଓ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । କାହା ହାତରେ ତୁଳସୀ, କାହା ମୁହଁରେ 'ଜୟ ଜଗନ୍ନାଥ' ର ଧ୍ୱନି, ଆଉ କାହା ଆଖିରେ ଭକ୍ତିର ଅଶ୍ରୁ । ବହୁ ଦିନର ଅପେକ୍ଷା ପରେ ଆଜି ମହାପ୍ରଭୁଙ୍କ ଏହି ମହାମାନବୀୟ ଲୀଳାକୁ ଦେଖି ଭକ୍ତମାନେ ନିଜକୁ ଧନ୍ୟ ମନେ କରୁଛନ୍ତି । ସ୍ନାନପୂର୍ଣ୍ଣିମାରେ ସ୍ନାନବେଦୀରେ ମହାପ୍ରଭୁଙ୍କ ଦର୍ଶନ କଲେ ଜୀବନର ସମସ୍ତ ପାପ କ୍ଷୟ ହୁଏ ଏବଂ ପ୍ରଭୁଙ୍କ ଅପାର କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି ବୋଲି ଟାଙ୍ଗୀ ଜଗନ୍ନାଥ ମନ୍ଦିରର ଆଦ୍ୟ ସେବକ ଭାରତ ଭୂଷଣ ଜଗଦ୍ଦେବ କହିଛନ୍ତି । ଶାନ୍ତି ଶୃଙ୍ଖଳାର ସହିତ ମହାପ୍ରଭୁଙ୍କ ଘୋଷଯାତ୍ରା ସମାପନ କରିବା ପାଇଁ ଟାଙ୍ଗୀ ନୀଳଶୈଳ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଚୌଧୁରୀ ସମସ୍ତଙ୍କୁ ନିବେଦନ କରିଛନ୍ତି ।

# ହତ୍ୟା ଉଦ୍ୟମ ଅପରାଧରୁ ମୁଦାଲାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୩୦/୬ (ନି.ପ୍ର): ଏକ ହତ୍ୟା ଉଦ୍ୟମ ମାମଲାରେ ପ୍ରମାଣ ଅଭାବରୁ ନୀଳଗିରିର ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସ୍ରୋତସ୍ୱିନୀ କର ଦୁଇଜଣ ମୁଦାଲାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ଗତ ୧୭/୨/୨୩ ରିଖରେ ନିଳଗିରି ଥାନା ଅନ୍ତର୍ଗତ ନୟା ପାଟଣା ଗ୍ରାମର ଉମାକାନ୍ତ ଜେନାଙ୍କୁ ତାଙ୍କର ଭାଇ ବିଶ୍ୱନାଥ ଜେନା, ବିଶ୍ୱନାଥ ଜେନାର ପୁଅ ଭାସ୍କର ଜେନା ସମେତ ଅଜଣା ୮ଜଣ ଯୁବକ ଘର ହତା ଭିତରେ ପଶି ଉମାକାନ୍ତ ଜେନାଙ୍କ ସ୍ତ୍ରୀ ଅନିଳା ଜେନାଙ୍କୁ ହାତରେଧରିଥିବା ମାରଣାସ୍ତ୍ରରେ ମଥାକୁ ହାଣି ଦେଇଥିଲେ। ଚିତ୍କାର ଶୁଣି ସ୍ୱାମୀ ଉମାକାନ୍ତ ପହଞ୍ଚି ପ୍ରତିବାଦ କରିବାରୁ ସମସ୍ତେ ତାର ବାମ ପଟ ଗୋଡ଼କୁ ହାଣି ଲହୁଲୁହାଣ କରିଥିବା ନେଇ ନିଳଗିରି ଥାନାରେ ଅଭିଯୋଗ କରିଥିଲେ। ନିଳଗିରି ଥାନାରେ ୬୪/୨୩ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦଫା ୨୯୪, ୩୦୭, ୩୨୩, ୩୫୪, ୫୦୬, ୩୪ (ଆଇ.ପି.ସି) ଧାରାରେ ମାମଲା ରୁଜୁ କରାଯାଇଥିଲା। ଉକ୍ତ ମାମଲାର ବିଚାରକରି ୯ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ଦସ୍ତାବିଜ୍ କୁ ବିଚାରକରି ନୀଳଗିରିର ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସ୍ରୋତସ୍ୱିନି କର ପ୍ରମାଣ ଅଭାବରୁ ବିଶ୍ୱନାଥ ଜେନା ଓ ଭାସ୍କର ଜେନାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ଅମୀୟ କୁମାର ନାୟକ ଓ ବିନୟ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ମଧୁବାବୁଙ୍କୁ ଭାରତରତ୍ନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହାୟତା ଲୋଡିଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୩୦/୬ (ନି.ପ୍ର): ଓଡିଶା ପ୍ରଦେଶ ଗଠନର ପ୍ରମୁଖ୍ୟ କର୍ଣ୍ଣଧାର, ଓଡିଆ ଅସ୍ମିତାର ପ୍ରତିକ, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହାୟତା ଲୋଡିଛି ଉତ୍କଳ ସମ୍ମିଳନୀ । ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ମଧୁବାବୁଙ୍କୁ ମରଣୋତର ଭାରତରତ୍ନ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବାସୁଦେବପୁର, ୩୦/୬ (ନି.ପ୍ର): ବାସୁଦେବପୁର ପି ଏମ୍ ଶ୍ରୀ ଅଟଳ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ସ ଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ତାଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଡ଼ିଓ ତନ୍ମିତା କର, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି, ବିଶିଷ୍ଟ ଶିକ୍ଷାବିତ ଦୁଃଶାସନ ରାଉତ, ବିଶିଷ୍ଟ କବି ଓ ସାହିତ୍ୟିକ ଅଭିମନ୍ୟୁ ବେହେରା, କବି ସୁଧାଂଶୁ ଶେଖର ମିଶ୍ର, ସି ଆର ସି ସି ଗୋଲାପ ନାୟକ , ସ୍କୁଲ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ସ ଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଦିଲ୍ଲୀପ କୁମାର ନିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଯାମିନୀ କାନ୍ତ ପାଢ଼ୀ,କମଳାକାନ୍ତ କର, ରେବତୀ କାନ୍ତ ପାଢ଼ୀ , ବଳରାମ ଜେନା,ଶୁଭଲକ୍ଷ୍ମୀ ରାଉତ, ଶଶଧର ମହାଳିକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ବିଏମ୍‌ସିର ୪୨ ତମ କର୍ପୋରେସନ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୩୦/୬ (ନି.ପ୍ର): ବିଏମ୍‌ସିର ୪୨ ତମ କର୍ପୋରେସନ ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍ ଆଲୋକ ଏବଂ ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଛି । ରଥ ଯିବା ରାସ୍ତା ମରାମତି କାମ ଏବଂ ଓହଳି ରହିଥିବା ବିଦ୍ୟୁତ୍ ତାର ତୁରନ୍ତ ସଜାଡିବା ପାଇଁ ଆର୍ ଆଣ୍ଡ ବି, ଟିପିସିଡିଓଏଲ ଏବଂ ବିଏମ୍ ସି ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ନେଇଛନ୍ତି ମେୟର ସୁଲୋଚନା ଦାସ ।

# ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ 'ଭିଜନ ବାଲେଶ୍ୱର' ସଂଗଠନ ପକ୍ଷରୁ ପୂଜା ଅର୍ଚ୍ଚନା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୩୦/୬ (ନି.ପ୍ର): ବୃକ୍ଷ ହିଁ ଜୀବନ, ପରିବେଶକୁ ସୁସ୍ଥ ଓ ନିରୋଗ ମୟ ରଖିବା ସହିତ ପ୍ରଦୂଷଣ ମୁକ୍ତ କରିବାର ମହତ ଉଦ୍ଦେଶ୍ୟ ନେଇ 'ଭିଜନ ବାଲେଶ୍ୱର' ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ମଠସାହି, ମଲ୍ଲୀକାଶପୁର ସ୍ଥିତ ଲଣ୍ଡା ଗୋସ୍ୱାମୀ ମଠ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରାରମ୍ଭରେ ସଂଗଠନ ପକ୍ଷରୁ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କ ମନ୍ଦିର ଓ ବାବା ମଲ୍ଲିକେଶ୍ୱର ମହାଦେବଙ୍କ ଠାରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେରଣ୍ୟ ଅତିଥିଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି କରୁଣାକର ରଥ, ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପନଗର ପାଳ ମନୋଜ ରାଉତ, ସ୍ଥାନୀୟ କାଉନସିଲର ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଯୋଗଦେଇ ସଂଗଠନର ଏଭଳି ମହତ ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସଭାପତି ଚନ୍ଦ୍ରକାନ୍ତି ବେହେରା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଗଛ ଲଗାଇବାକୁ ଚେଷ୍ଟା କରିବା ସହିତ ଅନ୍ୟ ମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଧୀରେଜ କୁମାର ଦାସ ବିଶ୍ୱକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଏହା ଏକ ଛୋଟ ପ୍ରୟାସ ଏବଂ ଏହିଭଳି ପ୍ରୟାସ ଆଗାମୀ ଦିନରେ ଜାରିରହିବ ବୋଲି କହିଥିଲେ । ଏହି ଅବସରରେ ଆମ୍ବ,ଲେମ୍ବୁ, ଶପେଟା, ନଡ଼ିଆ,ପିଜୁଳି ଆଦି ବିଭିନ୍ନ ଫଳ ଚାରା ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଭାଗବତ ଦାସ, ରବୀନ୍ଦ୍ର ରାଉତ,ଯୁଗ୍ମ ସମ୍ପାଦକ ଲାଲୁ ରାଜବଂଶୀ, କୋଷାଧକ୍ଷ କାଶୀନାଥ ପଟ୍ଟନାୟକ,ସଂଗଠନ ଆଇନ ପରାମର୍ଶଦାତା ବିଜୟ କୁମାର ମହାନ୍ତି,ବରିଷ୍ଠ ସଦସ୍ୟ ସ୍ନେହଲତା ଦାସ, ସନ୍ତୋଷ ମିଶ୍ର,ସାଂସ୍କୃତିକ ସମ୍ପାଦକ ଜାନୁ ମୁଖୀ,ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି,ନନ୍ଦନ ପାଲ, କୁନାଲ ବେହେରା,ଅଜୟ ନାୟକ,ସୁଜିତ ସ୍ୱାଇଁ (ଜିତୁ )ନିତ୍ୟାନନ୍ଦ ମିଶ୍ର, ବିରଞ୍ଚି ନାରାୟଣ ପ୍ରଧାନ, ସୁଦୀପ୍ତ ମହାନ୍ତି,ଅର୍ଦ୍ଧେନ୍ଦୁ ମିଶ୍ର, ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପ୍ରମୋଦ ସାହୁ,ତରୁଣ ଦାସ, ଶରତ ଚନ୍ଦ୍ର ବାରିକ, ସଂଜିତ ଘୋଷ, ବୁଦ୍ଧେଶ୍ୱର ମଲ୍ଲିକ, କାହ୍ନା, ବବଲୁ ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ୩୦ରୁ ଉର୍ଦ୍ଧ ଚାରା ବୃକ୍ଷ ରୋପଣ କରିଥିଲେ। ସଂଗଠନ ପକ୍ଷରୁ ପଡିଆର ଚାରି ପଟେ ପାଚେରୀ ହୋଇଥିବାରୁ ସମସ୍ତ ଗଛ ଗୁଡିକ ସୁରକ୍ଷିତ ରହିବା ସହ ରକ୍ଷଣବେକ୍ଷଣ କରିବା ସହଜ ହୋଇପାରିବ ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସେପ୍ଟେମ୍ବରରେ ହେବ ମୋଦିଙ୍କ...

୨୦୨୧ ଜୁଲାଇ ୭ରେ ସଂସଦ ଅଧିବେଶନ ପୂର୍ବରୁ ମୋଦି ସରକାର କ୍ୟାବିନେଟରେ ବଡ଼ଧରଣର ଅଦଳବଦଳ କରିଥିଲେ। ସେତେବେଳେ ୧୨ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ବାଦ ଦିଆଯାଇଥିବା ବେଳେ ୩୬ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା। ଜର୍ଜ କୁରିଏନ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ପରେ ସଂଖ୍ୟାଲଘୁ ବ୍ୟାପାର ରାଜ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରବନୀତ ସିଂହ ବିଟ୍ଟୁ ସଂସଦର କୌଣସି ସଦନର ସଦସ୍ୟ ନଥିଲେ ମଧ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତରପ୍ରଦେଶ ବିଜେପି ସଭାପତି ଓ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ବିଜେପି ସଭାପତି କରାଯାଇଛି। 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁସାରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଯିବ କି ନାହିଁ, ତାହା ଉପରେ ବି ଏବେ ସମସ୍ତଙ୍କ ନଜର ରହିଛି। କିନ୍ତୁ ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ପଙ୍କଜ ଚୌଧୁରୀଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା କୁର୍ମି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିପାରେ। ଭୁଲ ବାର୍ତ୍ତା ଦେଇପାରେ। ମେ ୨୧ରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା କରିଥିଲେ ପ୍ରଧାନମନ୍ତ୍ରୀ ମୋଦି। ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳ ଏବେ ଏହା ପ୍ରମୁଖ ମାନଦଣ୍ଡ ହୋଇପାରେ। ଏହାବାଦ ବିଜେପି ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଥିବାରୁ କ୍ୟାବିନେଟ୍‌ରେ ମଧ ନୂଆ ଯୁବ ଚେହେରାଙ୍କୁ ସୁଯୋଗ ମିଳିପାରେ। ବର୍ତ୍ତମାନ କେନ୍ଦ୍ର କ୍ୟାବିନେଟରେ ୭୦ରୁ ୮୦ ବର୍ଷ ବୟସ ବର୍ଗର ୮ ଜଣ ମନ୍ତ୍ରୀ ଅଛନ୍ତି।

## ୩ ଯାଏଁ ବଢ଼ିଲା ମଣ୍ଡିରୁ ...

ପଦ୍ମପୁର ଆର୍ଏମ୍ସି ଅଧୀନରେ ଚଳିତ ରବି ଋତୁର ଧାନ କ୍ରୟ ପାଇଁ ଖୋଲାଯାଇଥିଲା ୫୯ଟି ଧାନ କ୍ରୟ କେନ୍ଦ୍ର । ହେଲେ ଏବେ ମଧ ବିଭିନ୍ନ ମଣ୍ଡିରେ ପ୍ରାୟ ୩ ଲକ୍ଷ ୫୦ ହଜାର ବସ୍ତା ଧାନ ପଡ଼ି ରହିଛି । କେବଳ ବରଗଡ଼ ନୁହେଁ, ନୂଆପଡ଼ା ଓ ବାଲେଶ୍ୱର ଆଦି ପ୍ରାୟ ୫ଟି ଜିଲ୍ଲାରେ ମଣ୍ଡିରେ ଶହ ଶହ କ୍ୱିଣ୍ଟାଲ ଧାନ ପଡ଼ିରହିଛି । ତେଣୁ ଆଉ ମାତ୍ର ୩ ଦିନ ଭିତରେ ଏତେ ଧାନ କେମିତି କ୍ରୟ ହେବ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି ଚାଷୀ । କଳାହାଣ୍ଡି ଜିଲ୍ଲାରେ କଡ଼ା ଆକ୍ସନ୍ । ଧାନ କିଣାରେ ସାମିଲ ହେଲାନି ବୋଲି କେସିଙ୍ଗା ବ୍ଲକ ଅମାଠସ୍ଥିତ ବେହେରା ରାଇସ୍ ମିଲ୍‌କୁ ସିଲ୍ କରିଛି ଜିଲ୍ଲା ପ୍ରଶାସନ । ବେଆଇନ ଧାନ ରଖିବା ଓ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମଣ୍ଡିରୁ ଧାନ ନ ଉଠାଇବା ଅଭିଯୋଗରେ, ତହସିଲଦାର, ଯୋଗାଣ ବିଭାଗ ଅଧିକାରୀ ଓ ପୁଲିସ ମିଳିତ ଚଢ଼ାଉ କରି ରାଇସ୍ ମିଲ୍ ଓ ଏକ ଗୋଦାମକୁ ସିଲ୍ କରିଛନ୍ତି ।

## ପ୍ରେମ ନିବେଦନରୁ ...

ନାବାଳିକା ଏ ସମ୍ପର୍କରେ ନିଜ ଭାଇ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଜଣାଇଥଲେ । କୃଷ୍ଣଚନ୍ଦ୍ର ଏନେଇ ଦୁଇ ଜଣଙ୍କୁ ଖଣ୍ଡଗିରି ଥାନା ଅଧୀନ ଖାରବେଳ ପାର୍କ ପାଖକୁ ଡାକି କଲର ଧରି ମାରପିଟ କରିଥଲା । ଯାହାକୁ ନେଇ ନାବାଳିକାଙ୍କ ଦୁଇ ଭାଇ, କୃଷ୍ଣଙ୍କୁ ରାସ୍ତାରୁ ହଟାଇବାର ଯୋଜନା କରିଥିଲେ । ଆଉ ସୁଯୋଗ ଦେଖି ରବିବାର ବିଳମ୍ବିତ ରାତିରେ, ହାତରେ ଲୁହା ରଡ୍, ଲଙ୍କାଗୁଣ୍ଡ ପାଣି ଓ ମୁହଁରେ ମୁଖା ପିନ୍ଧି କୋଳଥିଆରେ ଥିବା କୃଷ୍ଣଙ୍କ ଘରେ ପଶିଥିଲେ । କବାଟ ଖୋଲିବା କ୍ଷଣି, କୃଷ୍ଣଙ୍କୁ ପିଟିପିଟି ହତ୍ୟା କରିଥିଲେ । କୃଷ୍ଣଙ୍କ ବାପା ହିମାଂଶୁ ପାଢ଼ୀଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା । ଆଉ ଭଉଣୀ ତାପସୀ ଏବେବି ହସ୍ପିଟାଲ ବେଡ୍‌ରେ । ହତ୍ୟାକାଣ୍ଡ ଘଟାଇଥିବା ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ଦଶମ ଆଉ ଜଣେ ଯୁକ୍ତ ଦୁଇ ଛାତ୍ର । ପୂର୍ବରୁ ଏମାନଙ୍କ ନାମରେ କୌଣସି ବି ଆପରାଧିକ ମାମଲା ନାହିଁ । କିନ୍ତୁ ହତ୍ୟା କରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥଲେ, ଆଉ ହତ୍ୟା ବି କଲେ । ତେଣୁ ନାବାଳକ ହୋଇଥିଲେ ବି ଏହା ଏକ ବୀଭତ୍ସ ହତ୍ୟାକାଣ୍ଡ ହୋଇଥିବାରୁ, ଏମାନଙ୍କୁ ସାବାଳକ ଭାବେ ବିଚାରକୁ ନିଆଯିବା ପାଇଁ ନିଜଆଡ଼ୁ ଆବେଦନ କରିବ ପୁଲିସ । ରାଗ ପରମ ଚଣ୍ଡାଳ । ସାମାନ୍ୟ କ୍ରୋଧ, ଦୁଇ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର କରିଦେଲା । ଯାହା କୋଳଥିଆ ଡବଲ ମର୍ଡରରୁ ସ୍ପଷ୍ଟ ।

## ୩ ବିଭାଗ ଦାୟିତ୍ୱରେ ...

ଓଏସଡି ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମୁଖ୍ୟ ସଚିବଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବ ସୁରେଶ ଚନ୍ଦ୍ର କର ଆଜି ସରକାରୀ ଚାକିରିରୁ ଅବସର ନେଇଛନ୍ତି। ସେହିପରି ଡୟସତ୍ୱକ୍ଷବ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟର ୬ଜଣ ଓଏସ୍ଏସ କ୍ୟାଡ଼ର ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ହବିବ ମୋହନ ମୁର୍ମୁ , ସୂଚନା ଓ ଲୋକସମ୍ପର୍କ ବିଭାଗର ସେକ୍ସନ ଅଫିସର ଶଶାଙ୍କ ଶେଖର ନାୟକଙ୍କ ସମେତ ଅନ୍ୟ ୪ଜଣ ଏଏସଓ ଅନୀଲ ଅଧିକାରୀ,ବିଶ୍ୱକଲ୍ୟାଣ ପଟ୍ଟନାୟକ ପ୍ରଭାସ ବେହେରାମାଳି ଓ ପ୍ରୀତମ ନାୟକଙ୍କୁ ମଧ ସିଏମଓକୁ ବଦଳି ହୋଇଛି। ଏହି ଓଏସଏସ୍ କ୍ୟାଡ଼ର ଅଫିସରମାନଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସେମାନେ ବିଳମ୍ବ ନକରି ସିଏମଓରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏସଏସ୍ କ୍ୟାଡ଼ର ଅଫିସରମାନଙ୍କର ଆବଶ୍ୟକତା ଥିବା ନେଇ ଜୁନ୍ ୨୪ତାରିଖରେ ଗୃହ ବିଭାଗକୁ ସୂଚିତ କରାଯାଇଥିଲା। ଆଉ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ଗୃହ ବିଭାଗ ଜୁନ୍ ୨୯ତାରିଖରେ ଏହି ଅଫିସରମାନଙ୍କୁ ସିଏମଓରେ ନିଯୁକ୍ତି ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ତଥା ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡ଼ଙ୍ଗୀଙ୍କୁ ଅବଗତ କରିଥିବା ଜଣାପଡ଼ିଛି।

## ଜୁଲାଇ ୧ରୁ...

ଜୁନ୍ ୨୩ରୁ ୨୯ ମଧ୍ୟରେ ରାଜ୍ୟରେ ୬୦ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି । ଏହି ସମୟରେ ୧୮ଟି ଜିଲ୍ଲାରେ ୬୦ ପ୍ରତିଶତରୁ ଅଧିକ ବର୍ଷା ଥିବାବେଳେ ୧୧ଟି ଜିଲ୍ଲାରେ ୨୦ରୁ ୫୯ ପ୍ରତିଶତ ପର୍ଯ୍ୟନ୍ତ ଦେଖାଯାଇଛି । କେବଳ ଗୋଟିଏ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି । ସର୍ବାଧିକ ବର୍ଷା ଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଅନୁଗୁଳ (୯୨%), କଟକ (୮୬%), ଜଗତସିଂହପୁର (୮୫%), ପୁରୀ (୮୨%), କଳାହାଣ୍ଡି (୮୧%), କେନ୍ଦ୍ରାପଡ଼ା (୭୯%) ଏବଂ ଖୋର୍ଦ୍ଧା (୭୬%) ରହିଛି। ରାୟଗଡ଼ା, ଗଜପତି ଓ ନୟାଗଡ଼ ଜିଲ୍ଲାରେ ମଧ ୭୦ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି ।

## ଗରମରେ ୟୁରୋପ...

ପ୍ରାୟ ୧୫ କୋଟି ଲୋକ ଅସହ୍ୟ ଗରମ ମଧ୍ୟରେ ଜୀବନ ବିତାଉଛନ୍ତି। ଗରମର ଏହି ପ୍ରକୋପ ୟୁରୋପରେ ସାଇଲେଣ୍ଟ କିଲର ସାବ୍ୟସ୍ତ ହୋଇଛି। ଗତ ଜୁନ୍ ୨୧ ତାରିଖ ପରଠାରୁ ପ୍ରବଳ ତାପମାତ୍ରା ଯୋଗୁଁ ୟୁରୋପରେ ଦେଢ଼ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଅଧିକାଂଶ ଦେଶର ତାପମାତ୍ରା ୪୦ ଡିଗ୍ରି ଉପରେ ରହିଛି। ଲୋକ ଘଣ୍ଟାଘଣ୍ଟା ଧରି ପାଣିରେ ଗାଧୋଇଲେ ବି ତ୍ରାହି ମିଳୁନାହିଁ। ଅଧିକାଂଶ ଲୋକ ପହଁରା ଜାଣି ନଥିବାରୁ ପାଣିରେ ବୁଡ଼ି ପ୍ରାଣ ହରାଉଛନ୍ତି। ସ୍ଥିତି ଏଭଳି ହୋଇଛି ଯେ ବାହାରେ ରଖାଯାଇଥିବା ଫ୍ରାଇଂ ପ୍ୟାନରେ ମାତ୍ର କେଇ ମିନିଟରେ ଅଣ୍ଡା ଓ ମାଂସ ସହଜରେ ରାନ୍ଧି ହୋଇଯାଉଛି। ଦୋକାନରେ ଚକୋଲେଟ୍, ବଜାର କରିବା ଟ୍ରଲି ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ତରଳି ଯାଉଛି।

## ଉନ୍ମୋଚିତ ହେଲା ସୁଶାନ୍ତ ...

ଲେଖକ ସୁଶାନ୍ତ କୁମାର ମହାପାତ୍ର ଦୀର୍ଘ ବର୍ଷର ତାଙ୍କ କବିତା ରଚନା ମଧ୍ୟରେ ତାଙ୍କ ଚିନ୍ତା ଓ ପରିକଳ୍ପନାର ଅନ୍ତର୍କଥା ଉପସ୍ଥାପନ କରିଥିଲେ। ଲେଖକଙ୍କ ପତ୍ନୀ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅର୍ଚ୍ଚନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ତାନଶ୍ରୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନା କରିଥିଲେ ଓ ଶାଶ୍ୱତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ନୀଳଗିରି,ମିତ୍ରପୁର, ରେମୁଣା ସମେତ ବାଲେଶ୍ୱର ସହରର ଶତାଧିକ ସାହିତ୍ୟିକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୩୦/୬ (ନି.ପ୍ର): ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ଭାରତୀୟ ଜନତା ପାର୍ଟିର ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ,ପଞ୍ଚାୟତରେ ସୁଶାସନ, ଗ୍ରାମାଞ୍ଚଳରେ ପରିବର୍ତ୍ତନ, ସରକାରୀ ଜନ ସମ୍ପର୍କ ଓ ଜନ ସାଧାରଣ ଙ୍କ ସହ ଭାଗିତା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରା ଯାଇଥିଲା। ଏହି ଦିବସରେ ବିଭିନ୍ନ ବିଭାଗର ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପିର ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ତନ୍ମିତା କର, ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଯୁବ ନେତା ଅସିତ୍ କୁମାର ଦାଶ, ପ୍ରତାପ କୁମାର ସେନାପତି, ସହ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଏ ବି ଡି ଓ ମୃତ୍ୟୁଞ୍ଜୟ ନାୟକ,ଯୁବ ନେତା ଲିଙ୍କୁନ ଦଳେଇ, ସରପଞ୍ଚ ଅରୁଣ କୁମାର ମହାନ୍ତି,ମୁକ୍ତିକାନ୍ତ ନାୟକ, ସରପଞ୍ଚ ନିରୁପମା ନାୟକ ଓ ବହୁ କର୍ମୀ ଯୋଗ ଦେଇଥିଲେ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଯୋଜନା ଓ ବିଭିନ୍ନ ସୁନ୍ଦର କାର୍ଯ୍ୟକ୍ରମ କୁ ସମସ୍ତେ ପ୍ରଶଂସା କରିଥିଲେ। ଶେଷରେ ଅମୀୟ ପାଣିଗ୍ରାହୀ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବମ ଶ୍ରେଣୀ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିବାକୁ ଉଦ୍ୟମ

ଭଦ୍ରକ, ୩୦/୬ (ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତରେ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାଟି ଫତେପୁର ପଞ୍ଚାୟତର ଲେଞ୍ଚରା ଛକ ନିକଟରେ ଘଟିଥିବା ବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ଫତେପୁର ପଞ୍ଚାୟତର ଧର୍ମାଗତପୁର ଗ୍ରାମର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲିପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ଛାତ୍ରୀ ଏଥିରେ ରାଜି ନହେବାରୁ ମଙ୍ଗଳବାର ସକାଳେ ସେ ସ୍କୁଲକୁ ଯାଉଥିବା ବେଳେ ଲେଞ୍ଚରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୁଷୁରୀ ପୁଲିସଙ୍କ ଜିମା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ



ଟଳିଯାଇଥିବା କୁହାଯାଉଛି। ଘଟଣା ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ, ସ୍ଥାନୀୟ ସୂତ୍ରରୁ ଅଭିଯୁକ୍ତ ଯୁବକଙ୍କ ପୂର୍ବରୁ ଦୁଇଟି ବିବାହ ହୋଇଥିବା ଜଣାପଡ଼ିଛି।

## ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୧ ମୃତ ୨ ଗୁରୁତର

ବସ୍ତା , ୩୦/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ବସ୍ତା ବାଇପାସ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅମର୍ଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଇ କକୁ ପିଟିଲା ଡମ୍ଫର। ଜଣେ ମୃତ ଦୁଇ ଜଣ ଗୁରୁତର। ସୂଚନା ଅନୁସାରେ ଆଜି ଦିନ ଏଗାର ଘଟିକା ତିରିଶ ମିନିଟ ସମୟରେ ନୀଳଗିରି ଥାନା ମଦରାଜପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପୁତ୍ର କମଲ ଲୋଚନ ସାହୁ (୩୫), ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାନପୁର ଗ୍ରାମର ସମ୍ପର୍କୀୟ ଭଉଣୀ ଓ ଭାଣିଜୀକୁ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବସ୍ତା ପାସ ନିକଟରେ ଛିଡା ହୋଇ ଥିବା ଏକ ଡମ୍ଫର ହଠାତ ଡାହାଣକୁ କାଟି ଦେବାରୁ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ କମଲ ଲୋଚନ ଏବଂ ତାଙ୍କର ଭଉଣୀ ଓ ଭାଣିଜୀକୁ ଉଦ୍ଧାର କରି ବସ୍ତା ମେଡି କାଲକୁ ପଠାଇଥିବା ବେଳେ ଡାକ୍ତର କମଲଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଭଉଣୀ ଓ ଭାଣିଜୀକୁ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଁଚି ଉଭୟ ଗାଡିକୁ ଜବତ କରିବା ସହିତ ଡମ୍ଫର ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ପାଟରା ସମାଜ ମୟୁରଭଞ୍ଜର ସ୍ଥାପନା ଦିବସ ପାଳିତ

ବାରିପଦା , ୩୦/୬ (ନି.ପ୍ର): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ପାଟରା ସମାଜ, ମୟୁରଭଞ୍ଜର ସ୍ଥାପନା ଦିବସ ପାଳିତ ହୋଇଯାଇଛି ଓ ଜୟନ୍ତ କୁମାର ସେନାପତି, ସମରେନ୍ଦ୍ର କୁମାର ବଶା, ମାନସ ରଞ୍ଜନ ମହାପାତ୍ର, ଚିତ୍ରରଞ୍ଜନ ସାହୁ, ସ୍ୱରୂପ କୁମାର ବଶା, ବୀରେନ୍ଦ୍ର ନଓଥ ବଶା, କିଶୋର କୁମାର ବଶା, ଆଶିଷ କୁମାର ବଶା, ଅରୁଣ କୁମାର ମହାପାତ୍ର, ଜ୍ୟୋତି ପ୍ରକାଶ ବଶା, ସଞ୍ଜୟ କୁମାର ନାୟକ ଓ ଅନ୍ୟ ସଭ୍ୟ ମାନଙ୍କ ଉପସ୍ଥିତିରେ ସଂଗଠନର ପଞ୍ଜିକରଣ କରାଯିବା ସହ ଉପବିଧି ପ୍ରସ୍ତୁତି ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କମିଟି ଗଠନ, ସଂଗଠନର ପ୍ରତୀକ



ସ୍ଥିରୀକୃତ କରିବା, ସଂଗଠନର ପ୍ରାଥମିକ ପାଣ୍ଠି ଗଠନ କରିବା ଓ ମୟୁରଭଞ୍ଜ ଜିଲ୍ଲା ଅଧୀନରେ ଥିବା ସମସ୍ତ ବ୍ଲକ ତଥା ଉପଖଣ୍ଡରେ ସଭା ମାଧମରେ ସଂଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ପାଟରା ସମାଜ, ମୟୁରଭଞ୍ଜ ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ମୟୁରଭଞ୍ଜ ଜିଲ୍ଲାର ସମସ୍ତ ପଓଟରା ପରିବାରର ସଦସ୍ୟ ମାନଙ୍କ ଭିତରେ ସମନ୍ୱୟ ରକ୍ଷା କରିବା, ସହାୟତାର ହାତ ବଢେଇବା ଓ ସମାଜରେ କଲ୍ୟାଣ ମୂଳକ କାର୍ଯ୍ୟ କରିବା ଓ ଏହି ସଂଗଠନକୁ ଏକ ବଳିଷ୍ଠ ଓ ପୂର୍ଣ୍ଣାଙ୍ଗ ରୂପରେ ପ୍ରତିଷ୍ଠା କରିବା ଆସନ୍ତା ଜୁଲାଇ ମାସ ୧୨ ତାରିଖ ବୈଠକରେ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ।

## ଏପର୍ଯ୍ୟନ୍ତ ଭତ୍ତା ଠିକ୍‌ରେ ମିଳୁନି: ହେଲେ ଆଧାର ଲିଙ୍କ୍ ପାଇଁ ଚେତାବନୀ

ଖଇରା, ୩୦/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ଏପର୍ଯ୍ୟନ୍ତ ବୁଢାବୁଢୀ ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷାରେ ଭତ୍ତା ଠିକରେ ମିଳିନଥିବାରୁ ସେମାନେ ବାରଦୁଆର ସୁଣ୍ଟିପିଣ୍ଡା ହେଉଛନ୍ତି । ହେଲେ ଏମିତି ଅବସ୍ଥାରେ ଡିବିଟି ପାଇଁ ଜମାଖାତାକୁ ଆଧାର ସହ ଲିଙ୍କ କରିବାକୁ ଚିଠି ମାଧ୍ୟମରେ ସଚୀବ ତଥା ଜିଲାପାଳଙ୍କ ଚେତାବନୀ ଭତ୍ତାଧାରୀଙ୍କ ପାଇଁ ବୋଝ ଉପରେ ନଳିତାବିଡା ସାଜିଛି । ସମସ୍ତଙ୍କୁ ନିୟମିତ ଭତ୍ତା ନମିଳିବା ପର୍ଯ୍ୟନ୍ତ ପ୍ରଶାସନର ଏଭଳି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ଭତ୍ତାଧାରୀ ଦାବି କରିଛନ୍ତି । ଖଇରା ବ୍ଲକରେ ମୋଟ ୧୭ହଜାର ୨୩୧ଜଣଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ନେଉଥିବା ବେଳେ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୭ହଜାର ୯୯୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ସଫ୍ଟଓୟାର ଅପଡେଟ ନାମରେ ଇନ୍ଦିରାଗାନ୍ଧୀ ଯୋଜନାରେ ହିତାଧିକାରୀ ମାନଙ୍କୁ ୩ମାସ ଧରି ଭତ୍ତାରୁ ବଞ୍ଚିତ କରି ରଖାଯାଇଥିଲା । ଏବେ ଧାରଣା ଆନ୍ଦୋଳନ ପରେ ୭ହଜାର୮୮୪ ଜଣଙ୍କ ୨ମାସର ଭତ୍ତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏବଂ ଏ ପର୍ଯ୍ୟନ୍ତ ୧୦୮ଜଣଙ୍କୁ ୩ମାସ ଭତ୍ତା ମିଳିପାରିନାହିଁ । ଏଭଳି ପରିସ୍ଥିତିରେ ଜିଲାପାଳ ଓ ସଚୀବଙ୍କ ଚିଠି ବିଧବା,ବୁଢା,ବୁଢୀ ଓ ଦିବ୍ୟାଙ୍ଗଙ୍କୁ ମାନସିକ ସ୍ତରରେ ଭାରାକ୍ରାନ୍ତ କରିଛି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସଚୀବଙ୍କ ତରଫରୁ ସମସ୍ତ ଜିଲାପାଳଙ୍କୁ ରାଜ୍ୟର ୩ଲକ୍ଷ ୩୫ହଜାର ୮୫୦ ଆଧାରକୁ ଏକାଉଣ୍ଟ ସହ ଲିଙ୍କ କରିବାକୁ ଚିଠି ନଂ ୬୫୩୩/ଏସଏସଇପିଡି-ଏସଏସ୨-ଏସଏସ-୦୦୦୩-୨୦୨୬ ରେ କୁହାଯାଇଛି । ସେହିଭଳି ସଚୀବଙ୍କ ଚିଠି ଆଧାରରେ ଜିଲା ର ୧୭ ହଜାର ୩୫୪ଜଣ ଏବଂ ଖଇରା ବ୍ଲକରେ ୮ଶହ ଭତ୍ତାଧାରୀଙ୍କ ଆଧାର ଲିଙ୍କ ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବରପୁତ୍ରଙ୍କୁ ପୁଷ୍ପ ମାଲ୍ୟାର୍ପଣ

ଭଦ୍ରକ , ୩୦/୬ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘର ୩ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ଏବଂ ଭଦ୍ରକ ଜିଲ୍ଲା ସଂଘର ବାର୍ଷିକ ଉତ୍ସବ ଅବସରରେ ଭଦ୍ରକର ବରପୁତ୍ର ମାନଙ୍କୁ ପ୍ରାତଃ ସମୟରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି । ସଂଘର ରାଜ୍ୟ ସଭାପତି ରୋ.ବିଭୁତି ଭୁଷଣ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବିନାରାୟଣ ଖିଲାରଙ୍କ ପରିଚାଳନା ରେ ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣଚନ୍ଦ୍ର ନାୟକ, ନୟାଗଡ ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇ, ରାଜ୍ୟ ସଂଯୋଜକ ମଦନ ପାଣି, ରାଉରକେଲା ସଭାପତି ବିରଞ୍ଚି ପଟ୍ଟନାୟକ, ପୁରୀରୁ ସତ୍ୟ ଦାସ ରାଜ୍ୟ ସଦସ୍ୟ ଅପୂର୍ବ ବେହେରା, ଜିଲ୍ଲା ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ସାମ୍ବାଦିକ ସଂଜୀବ ନାୟକ,ସୁଜୟ ପାକଳ, ପ୍ରଦୀପ ବଳ, ସୁରେଶ ମହାନ୍ତି, ରାମନାରାୟଣ ମହାନ୍ତି ପ୍ରମୁଖ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ଭଦ୍ରକ ଜିଲ୍ଲା କଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛି । ଭଦ୍ରକ ଜିଲ୍ଲା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଡ଼.ହରେକୃଷ୍ଣ ମହତାବ ଙ୍କ ଭଳି ମହାପୁରୁଷ ଙ୍କୁ ଜନ୍ମ ଦେଇ ଆଜି ଗର୍ବିତ । ତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ସଭା କରାଯିବା ସହିତ କାନ୍ତ କବି ଅମର ରହେ ଓ ଡ଼ ହରେକୃଷ୍ଣ ମହତାବ ଅମର ରହେ ଧ୍ୱନି ସହିତ ଉତ୍କଳ ସାମ୍ବାଦିକ ସଂଘ ଓ ସାମ୍ବାଦିକ ଏକତା ଜିନ୍ଦାବାଦ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା ।

## ଦିବଂଗତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ପରଲୋକ

ବାଲେଶ୍ୱର, ୩୦/୬ (ନି.ପ୍ର): ରାଣୀପାଟଣା ବ୍ୟାଙ୍କ କଲୋନୀ ନିବାସୀ ସମସ୍ତଙ୍କ ପ୍ରିୟ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ଭୀଷ୍ମ ପିତାମହ ଦିବଂଗତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ଗତ ରାତି ୧୦ଟା ସମୟରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୮୩ ବର୍ଷ ବୟସରେ ପରଲୋକ ଗମନ ହୋଇଛି । ସେ ବିଭିନ୍ନ ହାଇସ୍କୁଲ୍‌ରୁ ପ୍ରଧାନଶିକ୍ଷକ ରୂପେ ସୁଚାରୁ ରୂପେ କାର୍ଯ୍ୟ କରି ୨୦୦୧ରେ ଅବସର MjY Keèe Ú_ÙYüe ^ß Ne Keèej @ü ëûf öZüe ZÒò_ Zâl GKcüZâK^ýû @Q« ö ÊMZ \ û ùKak RùY @òa ùd I MYZ gòK ^[ ûf aeõ @Zý« ùi ÚúI \ dùk ëcYò [ ûf ö i aQZ QZüc Ú u ê_ ßK^ýû bkò@ü e Ke ëûf ö ùi @Mü ß û a ò ýû_ùV, j k\ ú_\ üe Zû 15-07-1971 eòeêZû 5-06-2000eò _~ò« _ ù ଶିକ୍ଷକ ଭାବେ କାର୍ଯ୍ୟକରି ନିଜର କାର୍ଯ୍ୟଦକ୍ଷତା ପ୍ରମାଣ କରିଥିଲେ। ଗତ ଜାନୁଆରୀ ମାସରେ ଅଗ୍ରୱାଲା ବିଦ୍ୟାପୀଠ, ହଳଦୀପଦାରେ ପାଳିତ ହୋଇଥିବା ହୀରକ ଜୟନ୍ତୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ହୃଦୟରେ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲେ। ତାଙ୍କ ନିକଟରୁ ଶିକ୍ଷାଲାଭ କରି ଓଡ଼ିଶା ଓ ଓଡ଼ିଶା ବାହାରେ ତଥା ବିଦେଶରେ ବିଭିନ୍ନ ପଦପଦବୀରେ ରହି ଛାତ୍ରାଛାତ୍ରୀମାନେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ଆଜି ସକାଳେ ବାଲେଶ୍ୱରର ଶିଳ୍ପପତି ତଥା ସମାଜସେବୀ ଦିଲ୍ଲୀପ କୁମାର ସାହୁ, ହଳଦୀପଦା ପୁରାତନ ଛାତ୍ରସଂସଦର ସଭାପତି ଉପେନ୍ଦ୍ରନାଥ ସାହୁ, ସଂପାଦକ କ୍ଷିତୀଶ ଚନ୍ଦ୍ର ଜେନା, ବରିଷ୍ଠ ଛାତ୍ର ତଥା ଉପଦେଷ୍ଟା ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ପୁରାତନ ଅବସରପ୍ରାପ୍ତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ଛାତ୍ର ଅକ୍ଷୟ କୁମାର ଦାସ, ସ୍ନେହଲତା ପତି ଏବଂ ବହୁ ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ, ପଡ଼ୋଶୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଇତ୍ୟବସରରେ ତାଙ୍କର ପ୍ରଥମ କର୍ମସ୍ଥଳୀ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠରେ ବର୍ତ୍ତମାନ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ସ୍ୱର୍ଗତ ପ୍ରିୟ ସାରଙ୍କ ବିୟୋଗରେ ସବୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦାସଙ୍କର ଧର୍ମପତ୍ନୀ, ତିନିପୁତ୍ର ଓ ଏକମାତ୍ର କନ୍ୟା ଆସିବା ପରେ ତାଙ୍କୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।




## ମହାନଦୀ କ୍ଷେତ୍ରରେ ସଫଳତା ହାସଲ କଲେଣି ସରକାର: ସୁରେଶ ପୂଜାରୀ

ଭୁବନେଶ୍ୱର, ୩୦/୬ (ନି.ପ୍ର): ମହାନଦୀ କ୍ଷେତ୍ରରେ ସରକାର ସଫଳତା ହାସଲ କଲେଣି । ଛତିଶଗଡ ବି ବୁଝିଗଲାଣି। ମହାନଦୀ ଉପରେ ୫୦ ପ୍ରତିଶତ ଛତିଶଗଡ ଓ ଓଡ଼ିଶାର ଆବଶ୍ୟକ ରହିଛି ଆଉ ଅଧିକାର ମଧ୍ୟ ରହିଛି । ଏନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଜାତୀୟ ୱାଟର କମିଶନ ମଧ୍ୟ ବିଚାର ଆଡ଼କୁ ଆସିଲେଣି । ରାଜ୍ୟର ଆଉ ଅନ୍ୟ ନଦୀ ଗୁଡିକରେ ବ୍ୟରେଜରେ ବନ୍ଧ ବାନ୍ଧିବା ପାଇଁ ସରକାର ଉଦ୍ୟମ କରିବାକୁ ଯାଉଛନ୍ତି ସରକାର। ବିଭିନ୍ନ ସରକାର ଚାଲାକି କରିବାକୁ ଯାଇ ଶିଳ୍ପ ଅନୁଷ୍ଠାନ ପାଇଁ ନଦୀ ଗୁଡିକରେ ବାଡ ବାନ୍ଧିଲେ କିନ୍ତୁ ଚାଷ ପାଇଁ କିଛି କରୁ ନାହାନ୍ତି ବୋଲି ସେ କହିଛନ୍ତି।

## ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀ ଦିବସ' ପାଳିତ

ବାଲେଶ୍ୱର, ୩୦/୬ (ନି.ପ୍ର): ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ବାଲେଶ୍ୱର ପକ୍ଷରୁ ନୋସି ବିଜନେସ୍ ପାର୍କ, ବାମପଦାଠାରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ–୨୦୨୬'ର ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀ ଦିବସ' ପାଳନ କରାଯାଇଥିଲା। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗୀ ହେବା ପ୍ରତି ସଚେତନତା ସୃଷ୍ଟି କରିବା ସହ ସରକାରଙ୍କ ବିଭିନ୍ନ ସ୍ୱରୋଜଗାର ଓ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅବଗତ କରାଇବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ ଲକ୍ଷ୍ମୀଧର



ଜେନା, ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, ରେମୁଣା ଯୋଗଦେଇ ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବଦଳରେ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ହେବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ନୂତନ ଚିନ୍ତାଧାରା, ଦକ୍ଷତା ଓ ସରକାରୀ ସହାୟତାକୁ ସଠିକ୍ ଭାବେ ବ୍ୟବହାର କରି ଯୁବକମାନେ ସଫଳ ଉଦ୍ୟୋଗୀ ହୋଇପାରିବେ। ସମ୍ମାନିତ ଅତିଥି ଭାବେ ପ୍ରତାପ ଚନ୍ଦ୍ର ପାଢ଼ୀ, ନିର୍ଦ୍ଦେଶକ, ସିପେଟ୍, ମନୀଷ କୁମାର, ଡିଆଇପିଏ ଅଧିକାରୀ, କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲ୍ଲା ମିଶନ ଶକ୍ତି ଅଧିକାରୀ, ଶାନ୍ତନୁ ବାନାର୍ଜୀ, ଉପ ମୁଖ୍ୟ ନିର୍ବାହୀ ଅଧିକାରୀ, ଓରମାସ, ସୂର୍ଯ୍ୟକାନ୍ତ ବେହେରା, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର,ବାଲେଶ୍ୱର ଏବଂ ଶଶୀ ଶେଖର ବେହେରା, ପୂର୍ବତନ ସହକାରୀ ଶିଳ୍ପ ଅଧିକାରୀ, ଭଦ୍ରକ ଯୋଗଦେଇ ଉଦ୍ୟୋଗ କ୍ଷେତ୍ରର ସମ୍ଭାବନା, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍, ସ୍ୱରୋଜଗାର ଏବଂ ସରକାରୀ ଯୋଜନାଗୁଡ଼ିକର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱରର ବରିଷ୍ଠ ସହକାରୀ ଶିଳ୍ପ ଅଧିକାରୀ ମମତା ପରିଡ଼ା ସଞ୍ଚାଳନ କରିଥିଲେ। ଶେଷରେ ସହକାରୀ ଶିଳ୍ପ ଅଧିକାରୀ ସତ୍ୟବ୍ରତ ନାୟକ ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉଦ୍ୟୋଗୀତା ସମ୍ପର୍କିତ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମଟି ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବିକାଶ ଦିଗରେ ଏକ ସଫଳ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

## ପାରାଦୀପ ବିଶ୍ୱକର୍ମା ପୂଜାର ପ୍ରଥମ ପ୍ରସ୍ତୁତି ବୈଠକ



ପାରାଦୀପ, ୩୦/୬ (ନି.ପ୍ର): ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚଳିତ ବର୍ଷ ଧୁମଧାମରେ ପାଳନ କରାଯିବା ନେଇ ଆଜି ଆୟୋଜିତ ପ୍ରଥମ ବୈଠକରେ ନିଷ୍ପତ୍ତି ନିଆଯାଇଛି ।ଏହା ସେପଟେମ୍ବର ୧୭ ରୁ ଆରମ୍ଭ ହୋଇ ୭ ଦିନ ଧରି ଆୟୋଜିତ ହେବ ।ଏନେଇ ଆଜି ଅପରାହ୍ନରେ ବନ୍ଦର ପ୍ରଶାସନିକ ଭବନରେ ଆୟୋଜିତ ପ୍ରଥମ ବୈଠକରେ ବନ୍ଦରର ସେକ୍ରେଟାରୀ କ୍ରୀଷ୍ଣା ବାପି ରାଜୁ ଅଧ୍ୟକ୍ଷତା କରିଥିବା ବେଳେ ବନ୍ଦର ପକ୍ଷରୁ ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର, ଏଲେକ୍ଟ୍ରିକାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆର ଏନ ସାହୁ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ବବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।ପାରାଦୀପ ବିଶ୍ୱକର୍ମା ପୂଜାରେ ଭାଗ ନେଉଥିବା ବିଭିନ୍ନ ପୂଜା ଅନୁଷ୍ଠାନ ର କର୍ମକର୍ତ୍ତା ମାନେ ଯୋଗ ଦେବା ସହିତ ପୌର ପ୍ରଶାସନ, ବନ୍ଦର ପ୍ରଶାସନ ଓ ପୁଲିସ ପ୍ରଶାସନ ସହଯୋଗ ରେ ଚଳିତ ବର୍ଷର ପୂଜା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେ ନେଇ ନିଜର ମତ ରଖିଥିଲେ ।ପୂର୍ବ ବର୍ଷ ଭଳି ମେଢ, ଆଲୋକ ସଜା ଓ ତୋରଣ ଆଦି ଯେପରି ଉଚ୍ଚ କୋଟିର କରାଯାଇ ପାରିବ ସେ ସମ୍ପର୍କରେ ଆୟୋଜକଙ୍କୁ ଉପସ୍ଥିତ କମିଟି କର୍ମକର୍ତ୍ତା କହିଥିଲେ ।ବୈଠକରେ ସବୁ ସଂଗଠନ ପକ୍ଷରୁ କେତେଜଣ ଉପସ୍ଥିତ ଥିବା ବେଳେ କେତେକ ଆଗ ଧାଡିର ସଙ୍ଗଠନ ମୁଖିଆଙ୍କୁ ଦେଖିବାକୁ ମିଳି ନଥିଲା ।ପ୍ରଥମ ବୈଠକ ହେବା ନେଇ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ ବହୁ ସଙ୍ଗଠନ ମୁଖିଆଙ୍କୁ ଦେଖିବାକୁ ମିଳି ନଥିବାରୁ ବିଭିନ୍ନ କଥା ଉଠିଥିଲା। ଉପସ୍ଥିତ ସମସ୍ତ ସଂଗଠର କର୍ମକର୍ତ୍ତା ବନ୍ଦର ପ୍ରଶାସନ ନିକଟରେ ପୂର୍ବଭଳି ବିଜୁଳି ଛାଡ଼ କରିବା ନେଇ କଥା ଉଠାଇଥିଲେ ମଧ୍ୟ କେହି ଶୁଣି ନଥିଲେ। ଏହି ଦାବୀ ସମ୍ପର୍କରେ ପୂର୍ବ ରୁ ଦୁଇ ତିନି ବର୍ଷ ହେବ ବୈଠକରେ ଉଠାଇ ଥିଲେ ମଧ୍ୟ ବନ୍ଦର ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂଜା ରେ ଅଂଶ ଗ୍ରହଣ କରିବା ପାଇଁ ୧୫ ଦିନ ମଧ୍ୟରେ ଅର୍ଥାତ ଜୁଲାଇ ୨୧ ତାରିଖ ମଧ୍ୟରେ ବନ୍ଦର ପ୍ରଶାସନ କୁ ଲିଖିତ ଆକାରରେ ଜଣାଇବା ପାଇଁ କୁହାଯିବା ସହ ତା ପରେ ଆଉ କୌଣସି ଆବେଦନକୁ ଆଉ ବିଚାରକୁ ନିଆଯିବ ନାହିଁ ବୋଲି ସ୍ଥିର କରାଯାଇଥିଲା। ସାଇକେଲ ଷ୍ଟାଣ୍ଡ ହେଉ କିମ୍ବା କାର ଷ୍ଟାଣ୍ଡ ହେଉ ଚଳିତ ବର୍ଷ ଯେଉଁମାନେ ଷ୍ଟାଣ୍ଡ ଟେଣ୍ଡର ରେ ପାଇବେ ସେମାନେ ପାଇଥିବା ଟେଣ୍ଡର ର ଦୁଇ ଗୁଣା ସିକ୍ୟୁରିଟି ଜମା ଦେବେ ।ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ସେମାନଙ୍କ ଟଙ୍କା ଫେରସ୍ତ ଦିଆଯିବ ନାହିଁ।

## ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୩୦/୬ (ନି.ପ୍ର): ଜିଲ୍ଲା ପ୍ରଶାସନପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିବା ୧୧ ଘଟିକା ଠାରୁ ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ଗ୍ରାମାଞ୍ଚଳମାନଙ୍କରେ ଯଥା ଧୋବଶିଳା, ମହିଷାପଟା,ଅଯୋଧ୍ୟା ଠାରେ ସଚେତନତା କାର୍ଯ୍ୟକ୍ରମ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି ।ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ,କୁସଂସ୍କାରରେ ବଶବର୍ତ୍ତୀହୋଇ ବିଭିନ୍ନ ପ୍ରକାର ଅପରାଧ ଘଟାଉଥିବାରୁ ତାହା ସାମାଜିକ ବ୍ୟାଧି ଏବଂ ତାହାକୁ ଦୂରକରିବା ବିଜ୍ଞାନ ଓ ଡ଼ାକ୍ତରୀଚିକିତ୍ସା ଦ୍ୱାରା ବିଭିନ୍ନ ରୋଗବ୍ୟାଧିର ନିରାକରଣ ଉପରେ ଗୁରୁତ୍ୱ ଦେବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା ।ଏହାକୁ ଗ୍ରାମାଞ୍ଚଳରେ ପ୍ରଚାରପ୍ରସାର ମାଧ୍ୟମରେ ଦୂରୀକରଣ ନିମନ୍ତେ ପ୍ରଶାସନ ପକ୍ଷରୁ ଦୁଇଭାଇ ପାଲ। ଟୁପର ଗାୟକ ଚନ୍ଦ୍ର ମୋହନ ରାଉଳ ଏବଂ ସାଥୀଙ୍କ ଦ୍ୱାରା ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ,ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଓ ଏସ ଡି, ପୁରୁଷୋତ୍ତମ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida